# ଜଙ୍ଗଲ ଜମି ପଟ୍ଟା ବାଣ୍ଟିଲେ ବିଧାୟକ

ମୁନିଗୁଡ଼ା,୧୪।୮ (ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ା ବ୍ଲକ୍‌ର ମୁନିଖୋଲ ପଞ୍ଚାୟତ ଅନ୍ତର୍ଗତ ସାନ ଚେରଙ୍ଗପାଇ ଗ୍ରାମରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁନିଗୁଡା ଜଙ୍ଗଲ ଜମି ସଂଯୋଜକ ରାମକୃଷ୍ଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ନୀଳମାଧବ ହିକକା ଯୋଗଦେଇ ଚେରଙ୍ଗପାଇ ଗ୍ରାମର ୧୫ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ତହସିଲଦାର ଏମ୍.ଅନୁରାଧା, ମୁନିଖୋଲ ସରପଞ୍ଚ ପାଇକା ଜାକାସିକା, ମୁନିଗୁଡା ସରପଞ୍ଚ ସରସ୍ୱତୀ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ଜମି ଯୋଜନା ଅନ୍ତର୍ଭୁକ୍ତ ଏଫ୍‌ଆର୍-୨୦୦୬ ଆକ୍ଟ ଅନୁଯାୟୀ, ଏହି ପଟ୍ଟା ବଣ୍ଟନ କରାଯାଇଥିବା ଜଙ୍ଗଲ ଜମି ସଂଯୋଜକ ରାମକୃଷ୍ଣ ମିଶ୍ର ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମୁନିଗୁଡା ରାଜସ୍ୱ ନିରୀକ୍ଷକା ସିକେନ୍ଦ୍ର କିମାକାଙ୍କ ସମେତ ତହସିଲ ଓ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

# ମେଗା ଫୁଡ୍ ପାର୍କ, ଜେକେ ପେପର ମିଲ୍ ବୁଲିଲେ ମନ୍ତ୍ରୀ

## ଶିଳ୍ପ ମନ୍ତ୍ରୀଙ୍କ ଶିଳ୍ପ ପ୍ରତିଷ୍ଠାନ ପରିଦର୍ଶନ

ରାୟଗଡ଼ା,୧୪।୮ (ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାରାଷ୍ଟ୍ର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ୨ଦିନିଆ ରାୟଗଡ଼ା ଗସ୍ତରେ ଆସିଛନ୍ତି। ସେ ବୁଧବାର ଜେକେପୁରସ୍ଥିତ ଜେକେ ପେପର ମିଲ୍ ଏବଂ କୋଲନରା ବ୍ଲକ୍ ଭୁଜବଳସ୍ଥିତ ମିଟ୍‌ସ ମେଗା ଫୁଡ୍ ପାର୍କ ପରିଦର୍ଶନ କରିଛନ୍ତି । ପ୍ରଥମେ ଜେକେ ପେପର ମିଲ୍ ପରିଦର୍ଶନକରି ସେଠାରେ କର୍ମଚାରୀ କିଭଳି ସୁରକ୍ଷିତ ଭାବେ କାର୍ଯ୍ୟ କରୁଛନ୍ତି ଏବଂ ପେପର କିଭଳି ପ୍ରସ୍ତୁତି ହେଉଛି ତାହା ତଦାରଖ କରିଥିଲେ । ମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ଜେକେ ପେପର ମିଲ୍‌ର ଉପସଭାପତି ବିନୟ ଦ୍ୱିବେଦୀ, ମାନବ ସମ୍ବଳ ବିଭାଗ ଜେନେରାଲ ମ୍ୟାନେଜର ସନ୍ଦୀପ ପାଣ୍ଡେ ଓ ଲୋକ ସମ୍ପର୍କ ଅଧିକାରୀ ମିଲନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

ଏହାପରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଭୁଜବଳସ୍ଥିତ ମିଟ୍‌ସ ମେଗା ଫୁଡ୍ ପାର୍କ



ମନ୍ତ୍ରୀ ସମ୍ପଦ ସ୍ୱାଇଁ ମିଟ୍‌ସ ମେଗା ଫୁଡ୍ ପାର୍କ ପରିଦର୍ଶନ କରୁଛନ୍ତି।

ପରିଦର୍ଶନରେ ଯାଇ ଫୁଡ୍ ପାର୍କର ପ୍ରୋସେସିଂ ୟୁନିଟ୍ ଏବଂ ମିଟ୍‌ସ କଲେଜର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ମିଟ୍‌ସ ଗ୍ରୁପ ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀରାମ ପଣ୍ଡା, ନିର୍ଦ୍ଦେଶକ ସି.ଭି.ଗୋପୀନାଥ ପ୍ରମୁଖ ଉପସ୍ଥିତ ଥିଲେ । ମେଗା ଫୁଡ୍ ପାର୍କ ଯୋଗୁ ସ୍ଥାନୀୟ କୃଷକ ଏବଂ ଉଦ୍ୟୋଗୀଙ୍କୁ ସଶକ୍ତୀକରଣ ଦିଗରେ ବେଶ୍ ସହାୟକ ହେବା ନେଇ ମନ୍ତ୍ରୀଙ୍କୁ ସୂଚନା ଦିଆଯାଇଥିଲା। ଏହି ଅବସରରେ ମିଟ୍‌ସ କ୍ୟାମ୍ପସସ୍ଥିତ ବସନ୍ତ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା । ମନ୍ତ୍ରୀ ସ୍ୱାଇଁ ନିଜ ଅଭିଭାଷଣରେ ଓଡ଼ିଶାରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବୃଦ୍ଧିରେ ନିରନ୍ତର ଉଦ୍ୟମ ପାଇଁ ମିଟ୍‌ସ ଗ୍ରୁପ୍‌କୁ ପ୍ରଶଂସା କରିଥିଲେ। ରାଜ୍ୟର ଶିଳ୍ପ ଅଭିବୃଦ୍ଧି ତଥା ଯୁବ ସମାଜ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏହି ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱ ଦେବାକୁ କହିଥିଲେ। ମନ୍ତ୍ରୀ ସ୍ୱାଇଁଙ୍କ ଏହି ଗସ୍ତ ସମୟରେ ତାଙ୍କ ସହିତ ଭାଜପା ଜାତୀୟ ଆଦିବାସୀ ମୋର୍ଚ୍ଚା ଉପସଭାପତି କାଳୀରାମ ମାଝି, ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ ଓ ଉପସଭାପତି ପଦ୍ମନାଭ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ବର୍ଷିଲେ ବିଧାୟକ

ମୁନିଗୁଡ଼ା,୧୪।୮ (ନନ୍ଦକିଶୋର ପଟ୍ଟନାୟକ)

ବିଷମକଟକ ବିଧାୟକ ନୀଳମାଧବ ହିକକା ବୁଧବାର ସକାଳ ପ୍ରାୟ ୧୦ଟାରେ ଅଚାନକ ମୁନିଗୁଡା ବ୍ଲକ୍ ଅନ୍ତର୍ଗତ କନ୍ଧ ଗୋଡିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଯାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୁପସ୍ଥିତ ଥିବାବେଳେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିର୍ଦ୍ଧାରିତ ସ୍କୁଲ ସମୟ ୧୦ ପରିବର୍ତ୍ତେ ୧୧ ଟାରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଶିକ୍ଷକମାନେ ବିଳମ୍ବରେ ବିଦ୍ୟାଳୟରେ ପହଞ୍ଚିବାରୁ ବିଧାୟକ ହିକକା ଉଦ୍‌ବେଗ ପ୍ରକାଶ କରିବା ସହ ସେମାନଙ୍କ ଉପରେ ବର୍ଷିଥିଲେ। ପରେ ସେ ମୁନିଗୁଡ଼ା ବିଇଓଙ୍କୁ ଫୋନ ମାଧ୍ୟମରେ ଶିକ୍ଷକଙ୍କ ବିଳମ୍ବରେ ବିଦ୍ୟାଳୟ ଆସିବା ସମ୍ପର୍କରେ ସୂଚିତ କରିଥିଲେ। ଏହି ସମୟରେ ମୁନିଗୁଡ଼ା ପଞ୍ଚାୟତ ସରପଞ୍ଚ ସରସ୍ୱତୀ ଶର, ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାର, ଅନ୍ୟ କଂଗ୍ରେସ କର୍ମୀମାନେ ସେଠାରେ ଉପସ୍ଥିତ ଥିଲେ। ସେଠାରୁ ବିଧାୟକ ଗଲାପରେ ବିଇଓଙ୍କ ନିର୍ଦ୍ଦେଶରେ ସିଆର୍‌ସିସି ବିଦ୍ୟାଳୟରେ ପହଞ୍ଚି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡେରିରେ କାହିଁକି ଆସୁଛ ବୋଲି ପଚାରିଥିଲେ। ରେଲୱେ ଗେଟ୍ ପଡ଼ିଥିବାରୁ ସାମାନ୍ୟ ବିଳମ୍ବ ହୋଇଥିବା କହିଥିଲେ। ଅନ୍ୟପକ୍ଷେ ବିଧାୟକ ହିକକା ଅଧିକାଂଶ ସମୟରେ ବିଭିନ୍ନ ବିଦ୍ୟାଳୟ ଅଚାନକ ଗସ୍ତ କରୁଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଛନକା ପଶିଛି।



ବିଧାୟକ କନ୍ଧଗୋଡିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

# ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବାଇକ୍ ରାଲି

ରାୟଗଡ଼ା,୧୪।୮ (ଆଶିଷ ରଞ୍ଜନ ପଣ୍ଡା)

ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ରାୟଗଡ଼ା ଗସ୍ତ ଅବସରରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା । ଯୁବମୋର୍ଚ୍ଚା ଜିଲା ସଭାପତି ଉମେଶ ଖୋସ୍‌ଲାଙ୍କ ନେତୃତ୍ୱରେ ଆୟୋଜିତ ଏହି ରାଲିରେ ମନ୍ତ୍ରୀ ସ୍ୱାଇଁ, ଜିଲା ସଭାପତି ଶିବ ପଟ୍ଟନାୟକ, ଉପସଭାପତି ପଦ୍ମନାଭ ଦାସ, ଜାତୀୟ ଆଦିବାସୀ ମୋର୍ଚ୍ଚା ଉପସଭାପତି କାଳୀରାମ ମାଝି ପ୍ରମୁଖ ଯୋଗଦେଇଥିଲେ । ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ରାଲି ବାହାରି ସହର ପରିକ୍ରମାକରି ସିରିଗୁଡ଼ାସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏଥିରେ ବହୁ ଯୁବଗୋଷ୍ଠୀ ଯୋଗଦେଇଥିଲେ। ବାଇକ୍ ରାଲିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ପ୍ରତାପ ପୁଆଲା, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ନୀଳାଦ୍ରି ବିହାରୀ ପାତ୍ର, ଜିଲା ଯୁବମୋର୍ଚ୍ଚା ଉପସଭାପତି ପ୍ରୀତମ କୁମାର, କୋରାପୁଟ ଲୋକ ସଭା କ୍ଷେତ୍ର ମିଡିଆ ସଂଯୋଜକ ଚିତ୍ତରଞ୍ଜନ ନାୟକ, ଅଜୟ ବୁଲେଟ, ମହେଶ୍ୱର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା କର୍ମକର୍ତ୍ତା ବାଇକ ରାଲିରେ ସହର ପରିକ୍ରମା କରୁଛନ୍ତି ।

# ରୋହିଙ୍ଗ୍ୟାଙ୍କୁ ଚିହ୍ନଟ ଦାବିରେ ସ୍ମାରକପତ୍ର





ଦାବି ପ୍ରଦାନ କରିବାକୁ ଆସିଥିବା ହିନ୍ଦୁ ସମାଜର କର୍ମକର୍ତ୍ତା ।

ଗୁଣପୁର,୧୪।୮ (ପ୍ରଦୀପ କୁମାର ପାଢୀ)

## ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ବିରୋଧ

ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରି ଗୁଣପୁରଠାରେ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ରାଷ୍ଟ୍ରପତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୁଣପୁର ଅଞ୍ଚଳରେ ରହୁଥିବା ରୋହିଙ୍ଗ୍ୟାଙ୍କୁ ଚିହ୍ନଟ କରିବା ଦାବିରେ ଏହି ସ୍ମାରକପତ୍ର ସହକାରୀ ଜିଲାପାଳ ବିପିନ ନାୟକଙ୍କୁ ପ୍ରଦାନ କରାଯାଇଥିଲା।

ବାଂଲାଦେଶରେ ହିନ୍ଦୁଙ୍କୁ ସୁରକ୍ଷା ଏବଂ ଥଇଥାନ ନିମନ୍ତେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଦାବି କାରଯାଇଛି। ସେହିଭଳି ଗୁଣପୁର ଅଞ୍ଚଳକୁ ଗତ ୮ ବର୍ଷ ହେବ ଅହେତୁକ ଭାବେ ବିଦେଶୀ ଅନୁପ୍ରବେଶକାରୀଙ୍କ ପ୍ରବେଶ ଘଟିଛି । ଯେଉଁଠିରେ ବୁଲା ବିକାଳି, ଉଠା ଦୋକାନୀ, ଫେରିବାଲା, ହୋଟେଲ କର୍ମଚାରୀ ଭାବରେ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ରହି ଆସୁଛନ୍ତି। ଗୁଣପୁର ସହର ସହ ରାମନାଗୁଡା, ଗୁମୁଡା, ଗୁଡାରୀ, ପଦ୍ମପୁର ଅଞ୍ଚଳରେ ଛୋଟ ଛୋଟ ବ୍ୟବସାୟୀ ଆଳରେ ରହୁଛନ୍ତି। ସେମାନଙ୍କୁ ଚିହ୍ନଟ ସହ ସିସିଏ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ, ସେମାନଙ୍କୁ କୌଣସି ସରକାରୀ ଯୋଜନାର ଲାଭ ପ୍ରଦାନ ନ କରିବା, ଯଦି ଯେଉଁମାନେ ପାଉଛନ୍ତି ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରି ସେମାନଙ୍କୁ ସରକାରୀ ଯୋଜନାରୁ ବଞ୍ଚିତ କରିବା ଆଦି ଦାବି କରାଯାଇଛି। ଦାବିପତ୍ରର ନକଲ ଗୁଣପୁର ଏସଡ଼ିପିଓ ବାବୁଲି ନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ପୂର୍ବରୁ ବାଇକରେ ବିଶାଳ ତ୍ରିରଙ୍ଗା ଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଜ୍ଞାନ ରଞ୍ଜନ ନିଶଙ୍କ ସମେତ ତ୍ରିପତି ମହାନ୍ତି, ନଳନି ମହାନ୍ତି, ନନ୍ଦିକେଶ୍ୱର ଚୌଧୁରୀ, ଗୋପାଳ କୃଷ୍ଣ ଦେଓପାତ୍ର, ୱାଇ.ଗଣପତି, ବିଦ୍ୟାଧର ଶବର, ଶ୍ରୀନିବାସ ସ୍ୱାଇଁ, ଏସ.ବାବା ପ୍ରସାଦ, ଗଣେଶ ରଥ, ଶିବ ପାଢୀ, ଅମର ସାହୁ, ଇନ୍ଦ୍ରାକ୍ଷୀ ଦାସ, ଟିଙ୍କୁ ପଣ୍ଡା, ଟୁକୁରୁ ପାଣିଗ୍ରାହି, ଇପିଲି ସବରିଶ,ଏସ.ରାଜାଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

## ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ନିନ୍ଦା

ଟିକିରି,୧୪।୮ (ପ୍ରଫୁଲ୍ଲ କୁମାର ବେହେରା)

ବାଂଲାଦେଶ ଦଙ୍ଗାରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ନାଗରିକ ସୁରକ୍ଷା ମଞ୍ଚ। ଏ ନେଇ ବୁଧବାର ୬ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କାଶୀପୁର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏହାସହ କାଶୀପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଅନୁପ୍ରବେଶ କରିଥିବା ବାଂଲାଦେଶୀ ମୁସଲମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ତୁରନ୍ତ ବିତାଡ଼ିତ କରିବା ପାଇଁ କାଶୀପୁର ଥାନା ଅଧିକାରୀଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କାଶୀପୁର ଜଗନ୍ନାଥ ମନ୍ଦିର ନିକଟରୁ ଏକ ରାଲି ବିହାରି ବ୍ଲକ୍ ଛକ ପର୍ଯ୍ୟନ୍ତ ଯାଇ ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କାଶୀପୁର ବ୍ଲକର ବିଭିନ୍ନ ଗ୍ରାମରେ ଅନୁପ୍ରବେଶ କରିଥିବା ବାଂଲାଦେଶୀଙ୍କୁ ତୁରନ୍ତ ଚିହ୍ନଟକରି ସେମାନଙ୍କୁ ବିଦା କରିବା। ଅନୁପ୍ରବେଶକାରୀମାନେ ରହୁଥିବା ଘର ମାଲିକଙ୍କ ଚୁକ୍ତିକୁ ତୁରନ୍ତ ବାତିଲ କରିବା। ସରକାରୀ ଜାଗାରେ ଅନୁପ୍ରବେଶକାରୀମାନେ ବସବାସ କରୁଛନ୍ତି ତାହା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଶୋଭାଯାତ୍ରାରେ ଅଞ୍ଚଳର ଶତାଧିକ ଯୁବଗୋଷ୍ଠୀଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।



କାଶୀପୁର ବ୍ଲକ୍ ନାଗରିକ ସୁରକ୍ଷା ମଞ୍ଚ କର୍ମକର୍ତ୍ତା ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

# ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା

ଗୁଣପୁର,୧୪।୮ (ପ୍ରଦୀପ କୁମାର ପାଢୀ)

ଗୁଣପୁରରେ ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ନଗର ସଭାପତି ବଦ୍ରି ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ନେତା ଏବଂ କର୍ମୀମାନେ ପତାକା ଧରି ସ୍ଥାନୀୟ ବିକ୍ରମପୁର ଛକଠାରୁ ବାଇକ ଶୋଭାଯାତ୍ରାରେ ବାହାରି ଗୁଣପୁର କଲେଜଠାରେ ପହଞ୍ଚି ଥିଲେ। ଶୋଭାଯାତ୍ରା ସମୟରେ ଗାନ୍ଧୀ ଛକଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ଶେଷରେ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ଟିଙ୍କୁ ପଣ୍ଡା, ପ୍ରମୋଦ ସାହୁ, ଜିଲା ଉପସଭାପତି ଉଦୟ ପାଢୀ, ଦିଲୀପ ଦାସ, ମୁଖି ଦିବାକର, ଅନୀଲ ସାହୁକାରଙ୍କ ସମେତ ରାମନାଗୁଡା ଏବଂ ପଦ୍ମପୁର ଅଞ୍ଚଳର ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

# ବସୁନ୍ଧରା ଯୋଜନାରେ ବୃଦ୍ଧାଙ୍କୁ ଘରଡିହ ପଟ୍ଟା ପ୍ରଦାନ

ବିଷମକଟକ,୧୪।୮ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଜାରଡାଡାଙ୍ଗ ପଞ୍ଚାୟତର ପଥରଗଡ଼ ଗ୍ରାମର ସନାଇ ହିକକାଙ୍କୁ ବସୁନ୍ଧରା ଯୋଜନାରେ ବିଷମକଟକ ତହସିଲଦାର କେ.ଭେଙ୍କଟେଶ୍ୱର ରେଡ୍ଡି ଘରଡିହ ପଟ୍ଟା ପ୍ରଦାନ କରିଛନ୍ତି। ସନାଇ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତହସିଲଦାର ରେଡ୍ଡି ଘରଡିହ ପଟ୍ଟା ପ୍ରଦାନ କରିଛନ୍ତି। ତହସିଲଦାରଙ୍କ ଏପରି କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ମାନସିକ ରୋଗ ସ୍ୱାସ୍ଥ୍ୟ ଶିବିର

ପଦ୍ମପୁର,୧୪।୮ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର ମାନସିକ ରୋଗ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୫୦ ଜଣ ମାନସିକ ରୋଗୀଙ୍କୁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ଔଷଧ ପ୍ରଦାନ କରାଯାଇଥିଲା । ସେଥିମଧ୍ୟରୁ ୧୬ ଜଣ ଯୋଗ୍ୟ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ନିମନ୍ତେ ସୀକୃତି ପ୍ରଦାନ କରି ସରକାରଙ୍କ ମାସିକ ଭତ୍ତା ନିମନ୍ତେ ପ୍ରେରଣ କରାଗଲା । ଅନ୍ୟମାନଙ୍କୁ ଅନଲାଇନ ପଞ୍ଜିକରଣ ପାଇଁ ପରାମର୍ଶ ଦିଆଯାଇଛି। ଏହି ଶିବିରରେ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସ୍ୱାତୀ ମିଶ୍ର ମାନସିକ ରୋଗୀଙ୍କୁ ଚିହ୍ନଟ କରିବା ସହ ଔଷଧ ବଣ୍ଟନ କରିଥିଲେ। ପରେ ମାନସିକ ରୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିବିରରେ ମାନସିକ ରୋଗ ସୁପରଭାଇଜର ସମରଜିତ୍ ଖୁଣ୍ଟିଆ ରୋଗୀଙ୍କୁ ପଞ୍ଜିକରଣ କରାଇଥିବାବେଳେ ସାମାଜିକ କର୍ମୀ ପୂର୍ଣ୍ଣ ଚନ୍ଦ୍ର କାଦମ୍ବୁଲ ସହଯୋଗ କରିଥିଲେ।

# ଜିଲାସ୍ତରୀୟ କ୍ଲଷ୍ଟର ପ୍ରଶିକ୍ଷଣ

ବିଷମକଟକ,୧୪।୮ (ପ୍ରସନ୍ନ କୁମାର ପଣ୍ଡା)- ବିଷମକଟକ ବ୍ଲକସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ କେନ୍ଦ୍ରରେ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ସେଠ୍ ଏବଂ ଜିଲାରେ ଥିବା ୧୧ଟି ବ୍ଲକ୍‌ର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ଯୋଗଦେଇଥିଲେ। ବୈଠକରେ ଅଧ୍ୟକ୍ଷ ସେଠ୍ କହିଥିଲେ, ଜିଲାର ସମସ୍ତ ୧୪୫ଟି କ୍ଲଷ୍ଟରରେ ଆଗାମୀ କ୍ଲଷ୍ଟର ବୈଠକ ଆୟୋଜନ କରାଯିବ। ପ୍ରତ୍ୟେକ ସ୍କୁଲକୁ ଅଗଷ୍ଟ ମାସରେ ବାର୍ଷିକ କ୍ୟାଲେଣ୍ଡର ଯୋଗାଇ ଦିଆଯିବ। ଏହାକୁ ଅନୁସରଣକରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଓ ଶ୍ରେଣୀ ପରିଚାଳନା କରାଯିବ। କ୍ଲଷ୍ଟର ସ୍ତରୀୟ ବୈଠକରେ ଏକ ପ୍ରଦର୍ଶନୀମୂଳକ ଡେମୋନଷ୍ଟ୍ରେଶନ କ୍ଲାସ୍ ଆୟୋଜିତ ହେବ। ଜିଲାର ଗୁଣାତ୍ମକ ଶିକ୍ଷା ବୃଦ୍ଧି ପାଇଁ ଏହି ପ୍ରଶିକ୍ଷଣ ଗୁରୁତ୍ୱପୂର୍ଣ୍ଣ ଥିବା ଅଧ୍ୟକ୍ଷ ସେଠ୍ କହିଛନ୍ତି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଜଗନ୍ନାଥ ମେହେର, ଲିଲିମା ଖଡିଆ, ମଧୁମିତା ବଳ, ଚନ୍ଦ୍ରକାନ୍ତି ନାୟକ, ସୁଜାତା ବାଗ ଯୋଗଦେଇଥିଲେ।

# ମୁନିଗୁଡ଼ାରେ ତ୍ରିରଙ୍ଗାଯାତ୍ରା

ମୁନିଗୁଡ଼ା,୧୪।୮ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ପ୍ରଶାସନ ତରଫରୁ ଗ୍ରାମ ପଞ୍ଚାୟତ ପିଇଓ ଅଞ୍ଜନ ସାହୁଙ୍କ ସଂଯୋଜନାରେ ତିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁନ୍ଦୁକା,ବିଡିଓ ପ୍ରୀତମ କୁମାର ତନ୍ତୀ, ତହସିଲଦାର ଏମ୍.ଅନୁରାଧା, ବିଇଓ ଭାସ୍କର ରାଓ, ସରପଞ୍ଚ ସରସ୍ୱତୀ ଶବର ପ୍ରମୁଖ ଉପସ୍ଥିତ ରହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ବ୍ଲକ୍ କାର୍ଯ୍ୟାଳୟରୁ ତ୍ରିରଙ୍ଗା ଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ପ୍ରସନ୍ନ ପାତ୍ର, ସିଆର୍‌ସିସି ବିଷ୍ଣୁପ୍ରିୟ ସାହୁକାର, କ୍ରୀଡା ଶିକ୍ଷକ କୃଷ୍ଣପ୍ରସାଦ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁନିଗୁଡ଼ା ଶାଖା ତ୍ରିରଙ୍ଗା ଶୋଭାଯାତ୍ରା କମିଟି ସଂଯୋଜକ ରାମଚନ୍ଦ୍ର ବେହେରା ଓ ଜଗନ୍ନାଥ ନୁଣ୍ଡୁକାଙ୍କ ମିଳିତ ସଂଯୋଜନାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ୭୦ମିଟର ଲମ୍ବର ତ୍ରିରଙ୍ଗା ଧ୍ୱଜାକୁ ଧରି ମୁନିଗୁଡ଼ା ମହାବିଦ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରଥିଲେ। ଏଥିରେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷୀକେଶ ଜାଲି, ଯୁକ୍ତ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କଲ୍ୟାଣୀ ପାଢ଼ୀ, ରାମେଶ୍ୱର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ପତି, ଜାମା ମସ୍‌ଜିଦ ମୁସ୍‌ଲିମ କମିଟି ସଭାପତି ଏମ୍.ଡି ଆୟୁବ,ପୋଲିସ ପ୍ରଶାସନ,ଅଗ୍ନିଶମ, ସ୍ୱାସ୍ଥ୍ୟ ପରିମଳ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।



# ପାଣି ପାଇଁ ମହିଳାଙ୍କ ରାସ୍ତାରୋକୋ

ଟିକିରି,୧୪।୮ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରିରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପାନୀୟ ଜଳ ସମସ୍ୟାର ସମାଧାନ ଦାବିରେ ଟିକିରି ଝୋଡ଼ିଆସାହି ଓ ଗଡିସାହିର ମହିଳାମାନେ ଟିକିରି-ରାୟଗଡ଼ା ମୁଖ୍ୟ ରାସ୍ତା ଉପରେ ଗରା, ହାଣ୍ଡି, ମାଠିଆ ରଖି ପୂର୍ବାହ୍ନ ପ୍ରାୟ ୧୦ରୁ ୧୧ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଟିକିରି ପୋଲିସ ଏବଂ କାଶୀପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମିନୀ କହଁର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଖୁବ୍‌ଶୀଘ୍ର ପାନୀୟ ଜଳ ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ଟିକିରି ଝୋଡ଼ିଆସାହି ଓ ଗଡିସାହିରେ ପ୍ରାୟ ୧୫୦ ପରିବାର ବାସ କରନ୍ତି। ୨ ସାହିରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ରହିଛି ମାତ୍ର ୨ଟି ନଳକୂପ ଓ ଗୋଟିଏ କୂଅ। ସେଥିମଧ୍ୟରୁ କୂଅ ପାଣି ପିଇବା ଉପଯୋଗୀ ନ ଥିବାବେଳେ



ମହିଳାମାନେ ଗରା, ମାଠିଆ ଧରି ରାସ୍ତା ଅବରୋଧ କରିଛନ୍ତି।

ଗୋଟିଏ ନଳକୂପ ୧ ମାସରୁ ଊର୍ଦ୍ଧ୍ୱ ହେଲା ଅଚଳ ହୋଇ ପଡିରହିଛି। ପାଇପ ଜଳ ମଧ୍ୟ ୪ଦିନ ହେଲା ଆସୁନାହିଁ। ପାଣି ସମସ୍ୟା ବିଷୟରେ ଟିକିରି ସରପଞ୍ଚ ଜଗବନ୍ଧୁ ମାଝିଙ୍କୁ ବାରମ୍ବାର ଅଭିଯୋଗକଲା ପରେ ୨ ଦିନ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରି ବନ୍ଦ କରିଦେଇଥିଲେ। ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ସାହିର ମହିଳା ଓ ପୁରୁଷ ଟିକିରି-ରାୟଗଡ଼ା ମୁଖ୍ୟ ରାସ୍ତାକୁ ଗରା, ମାଠିଆ ଧରି ଅବରୋଧ କରିଥିଲେ। ଖବର ପାଇ ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ମହେଶ୍ୱର ପାଇକ, ଏସ୍‌ଆଇ ତ୍ରିନାଥ ତଟପାଡ଼ି,ଏଏସ୍‌ଆଇ ଏସ୍. ରାଉଳ ପହଞ୍ଚି ଲୋକଙ୍କୁ ବୁଝାଇଥିଲେ। ପରେ କାଶୀପୁର ଏବିଡିଓ କହଁର, ଅତିରିକ୍ତ ଯନ୍ତ୍ରୀ ଚନ୍ଦନ ବେହେରା, ବ୍ଲକ ଜେଇ ଗୌରାଙ୍ଗ ପରିଡ଼ା, ପିଏଚ୍‌ଡି ଜେଇ ଗଣେଶ ବେହେରା ପହଞ୍ଚି ଲୋକଙ୍କୁ ବୁଝାଇ ଯଥାଶୀଘ୍ର ପାନୀୟ ଜଳ ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଲା ପରେ ରାସ୍ତାରୋକୋ ଉଠିଥିଲା। ଏବିଡିଓ କହଁର ଓ ଅନ୍ୟମାନେ ଗାଁରେ ପାନୀୟ ଜଳ ସ୍ଥିତି ଅନୁଧ୍ୟାନକରି ସମାଧାନ ପାଇଁ ପିଏଚ୍‌ଡି କନିଷ୍ଠ ଯନ୍ତ୍ରୀ ଗଣେଶ ବେହେରାଙ୍କୁ କହିଥିଲେ ।

# ଶିକ୍ଷାର ବିକାଶ ହେଲେ ସଂସ୍କୃତିର ଉନ୍ନତି ହୁଏ: ମନ୍ତ୍ରୀ

■ସେମିଳିଗୁଡା ମହାବିଦ୍ୟାଳୟର ୩ କୋଠା ଉଦ୍‌ଘାଟନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ
■ସଭାରେ ବ୍ଲକ ଅଧ୍ୟକ୍ଷା, ଖବରଦାତାଙ୍କୁ ଅଣଦେଖା

ସୁନାବେଡା/ସେମିଳିଗୁଡା, ୧୪।୮
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୁଧବାର କୋରାପୁଟ ଜିଲା ଗସ୍ତ କରି ସୁନାବେଡାରେ ପୌର ପରିଷଦ ପକ୍ଷରୁ ଆୟୋଜିତ ହର ଘର ତିରଙ୍ଗା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆୟୋଜିତ ସଭା ସ୍ଥଳରେ ଉଦବୋଧନ ଦେଇ ସୂରଜ କହିଥିଲେ ଗଣତନ୍ତ୍ରର ଏହି ମହାନ ପର୍ବରେ ଅଞ୍ଚଳର ସମସ୍ତ ଜନସାଧାରଣ ନିଜକୁ ସାମିଲ କରିବା ଆବଶ୍ୟକ। ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରାମ ଗାଥାକୁ ମନେ ପକାଇବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ରୂପେ ଜିଲାପାଳ ଭି.କୀର୍ତ୍ତି ଭାସନ, ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଉପଜିଲାପାଳ ବେଣୁଧର ଶବର, ସେମିଳିଗୁଡା ତହସିଲଦାର ଦେବବ୍ରତ କରାଡେ, ସେମିଳିଗୁଡା ବିଡିଓ ଯଶ୍ୱିନ ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, ଉପାଧ୍ୟକ୍ଷା ରିତୁ କଣ୍ଡା, ସହକାରୀ ଯନ୍ତ୍ରୀ ମନୋଜ ପାତ୍ରଙ୍କ ସମେତ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଏସ୍‌ଏଚ୍‌ଜି ସଦସ୍ୟା, ମିଶନ ଶକ୍ତି ସଦସ୍ୟମାନେ ଉପସ୍ଥିତ ଥିଲେ।

ପରେ ସୁନାବେଡ଼ା ୨୦୨ କୋବ୍ରା ବାଟାଲିୟନ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାକୁ ମନ୍ତ୍ରୀ ସୂରଜ ଶୁଭାରମ୍ଭ କରିଥିଲେ। ଏହା ସେମିଳିଗୁଡା ସହର ପରିକ୍ରମା କରିଥିଲା। ସେଠାରେ ମନ୍ତ୍ରୀ ସୂରଜଙ୍କୁ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। ବିଭିନ୍ନ ଯୋଜନାରେ କଲେଜର ନିର୍ମିତ ୩ଟି କୋଠା ଯଥା ରୁଶା, ପ୍ରୟୋଗ ଶାଳା ଓ ସହାୟକ କୋଠାକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଶିକ୍ଷା ଓ ସଂସ୍କୃତି ଉଭୟ ପରିପୂରକ। ଶିକ୍ଷାର ବିକାଶ ହେଲେ ସଂସ୍କୃତିର ଉନ୍ନତି ହୁଏ । ଛାତ୍ରୀଛାତ୍ରମାନେ ସର୍ବଦା ନିଜ ମାତୃଭୂମି, ମା' ଓ ମାତୃଭାଷାକୁ ସମ୍ମାନ ଦେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସେ ପର୍ଯ୍ୟାୟକ୍ରମେ କଲେଜ ହଷ୍ଟେଲ, ଶ୍ରେଣୀଗୃହ ଓ ଖେଳପଡିଆ ନିର୍ମାଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ସେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ପାଇଁ ଶ୍ରମିକ ମାଧୋ ସିଂ ଯୋଜନାର ଶୁଭାରମ୍ଭ ହୋଇଥିବା ନେଇ ସୂଚନା ଦେଇ ଯେଉଁ ଜାତି ଓ ଜନଜାତିର ପିଲାମାନେ ଅର୍ଥ ଅଭାବରୁ ଉଚ୍ଚଶିକ୍ଷା ପାଇପାରୁ ନାହାନ୍ତି ସେମାନଙ୍କୁ ବାର୍ଷିକ ୫ହଜାର ଟଙ୍କା ଦେବାର ବ୍ୟବସ୍ଥା କରାଯାଇଛି ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲାପାଳ ଭାସନ, କଲେଜ ପରିଚାଳନା ସଭାପତି ପ୍ରଦୀପ ବେହେରା, ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ, କଲେଜ ଅଧ୍ୟକ୍ଷ ଡ. ରମା ରଞ୍ଜନ ପଟ୍ଟନାୟକ, ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ ଓ ଉପାଧ୍ୟକ୍ଷ ଶିବା ବାଙ୍ଗାରି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ ଦୀର୍ଘ ସମୟ ଧରି ମଞ୍ଚ ତଳେ ବସିଥିଲେ ମଧ୍ୟ ତାଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରାଯାଇ ନ ଥିବା ପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ସଭା ଆରମ୍ଭ ହେବାର କିଛି ସମୟ ପରେ ତାଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରାଯାଇଥିଲା। ସଭା ସ୍ଥଳରେ ନିମନ୍ତ୍ରିତ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ବସିବା ବ୍ୟବସ୍ଥା ନ ଥିବାରୁ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅଧାପିକା ଝାନ୍‌ସି ସିଂହ ସଭା ପରିଚାଳନା କରିଥିଲେ। ପରେ ମନ୍ତ୍ରୀ ସୂରଜ ସୁନାବେଡା ଇଣ୍ଡୋର ଷ୍ଟାଡିୟମରେ ପହଞ୍ଚି ଷ୍ଟାଡିୟମ ପରିଦର୍ଶନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ରଘୁରାମ ମାଛ, ବିଧାୟକ ରୁପୁ ଭତ୍ରାଙ୍କ ସହ ଅନ୍ୟମାନେ।

# ୩ ଏସ୍‌ଆଇ, ୨ ଏପିଏଫ୍ ଓ ୨ କନ୍‌ଷ୍ଟେବଲ ନିଲମ୍ବିତ

## ଗାଡ଼ି, ଗଞ୍ଜେଇ ଜବତ କରି ବ୍ୟବସାୟୀଙ୍କୁ ଛାଡିଦେବା ଅଭିଯୋଗ

କୋରାପୁଟ, ୧୪।୮ (ଅମିତାଭ ବେହେରା)

ଗାଡି, ଗଞ୍ଜେଇ ଜବତ କରି ବ୍ୟବସାୟୀଙ୍କୁ ଛାଡିଦେବା ଅଭିଯୋଗକୁ ଭିତ୍ତିକରି କୋରାପୁଟ ଜିଲା ଏସ୍‌ପି ଅଭିନବ ସୋନକର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଥିରେ ସମ୍ପୃକ୍ତ ୩ ଜଣ ଏସ୍‌ଆଇ, ୨ ଜଣ ଏପିଏଫ୍ ଓ ୨ ଜଣ କନଷ୍ଟେବଲଙ୍କୁ ନିଲମ୍ବନ କରାଯାଇଛି। ତେବେ ଏଥିରେ ୧୧ ଜଣ ପୋଲିସ କର୍ମଚାରୀ ସମ୍ପୃକ୍ତ ଥିବା ଏବଂ ସେମାନେ ଗଞ୍ଜେଇ ବ୍ୟବସାୟୀଙ୍କୁ ସୁରକ୍ଷା ଦେଉଥିବା ନେଇ ଡିଲ୍ ହୋଇଥିବା ଅଭିଯୋଗ ହୋଇଥିଲା। ଏହାର ଖୋଳତାଡ ପରେ ବୁଧବାର ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ନିଲମ୍ବନ ହୋଇଥିବା କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି।

ମିଳିଥିବା ସୂଚନା ଅନୁସାରେ, ସୋମବାର ରାତିରେ ମାଛକୁଣ୍ଡ ଓ ଲମତାପୁଟ ପୋଲିସ ମିଳିତ ଭାବେ ସୀମାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଆନ୍ଧ୍ରପଟୁ ଏକ ଗଞ୍ଜେଇ ଟ୍ରକ ଓଡ଼ିଶା ସୀମା ଦେଇ ବାହାର ରାଜ୍ୟକୁ ଯାଉଥିଲା। ମାଛକୁଣ୍ଡ ଓ ଲମତାପୁଟ ପୋଲିସ ଏହି ଗାଡ଼ିକୁ ଅଟକାଇବା ସହ ଗଞ୍ଜେଇ ବ୍ୟବସାୟୀଙ୍କୁ ଅଟକ ରଖିଥିଲେ। ପରେ ଗଞ୍ଜେଇ ବ୍ୟବସାୟୀମାନେ ପୋଲିସ ସହ ଏକ ଡିଲ୍ କରିଥିଲେ। ସେମାନେ ଗାଡ଼ି ଛାଡ଼ିବା ପାଇଁ ୧୦ ଲକ୍ଷ ଟଙ୍କା ଦେବାକୁ କହି ପୋଲିସକୁ ୫ ଲକ୍ଷ ଟଙ୍କା ଦେଇଥିଲେ। ଅବଶିଷ୍ଟ ଟଙ୍କା ଦେଇ ନ ଥିଲେ। ଏହାକୁ ନେଇ ପୋଲିସ ଓ ଗଞ୍ଜେଇ ଚାଲାଣ କରୁଥିବା ବ୍ୟବସାୟୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ପୋଲିସ ଗଞ୍ଜେଇ ଟ୍ରକ ଛାଡ଼ି ନ ଥିବା ବେଳେ ବ୍ୟବସାୟୀମାନେ ଗାଡ଼ି ଛାଡ଼ି ପଳାଇଥିଲେ। ଏ ସମ୍ପର୍କରେ ଏସ୍‌ପି ସୋନକର ଜାଣିବା ପରେ ତାଙ୍କ ନିର୍ଦ୍ଦେଶରେ ନନ୍ଦପୁର ଏସ୍‌ଡିପିଓ ମାଛକୁଣ୍ଡ ଥାନାରେ ଏକ ମାମଲା ରୁଜୁ କରିଥିଲେ। ପରେ ଘଟଣାର ସତ୍ୟତା ପଦାକୁ ଆସିଥିଲା।

# ୧୦ ମିନିଟ୍ ବ୍ୟବଧାନରେ ଦେଢ଼ଶୁର, ଭାଇବୋହୂଙ୍କ ମୃତ୍ୟୁ

ଦଶମନ୍ତପୁର, ୧୪।୮ (ଅରବିନ୍ଦ ନାୟକ)

୧୦ ମିନିଟ୍ ବ୍ୟବଧାନରେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଞ୍ଚଳରେ ଗୋଟିଏ ପରିବାରର ଦେଢଶୁର ଓ ଭାଇବୋହୂଙ୍କ ମୃତ୍ୟୁ ହୋଇଛି। ଖବରରୁ ଜଣାପଡ଼ିଛି, ଉକ୍ତ ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତର ଡୁନଖାଲ ଗ୍ରାମ ଆଦିବାସୀ ସାହିରେ ବସବାସ କରୁଥିବା ଧନପତି ଜାନି(୬୫)ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ସେ ଦୀର୍ଘ ୬ ମାସ ହେବ ଶଯ୍ୟାଶାୟୀ ଥିଲେ। ସେ ଗୁରୁତର ହୋଇପଡ଼ିବା ନେଇ ଖବର ପାଇ ଡୁମ୍ବାଗୁଡା ପଞ୍ଚାୟତ ଭିତରବାଗ୍ରୀ ଗ୍ରାମରେ ରହୁଥିବା ଭାଇବୋହୂ ପାନ ଜାନି ମଙ୍ଗଳବାର ଧନପତିଙ୍କୁ ଦେଖିବା ପାଇଁ ତନୁଖାଲ ଆଦିବାସୀ ସାହିରେ ଥିବା ତାଙ୍କ ଘରକୁ ଆସିଥିଲେ। ଧନପତି ଭାଇବୋହୂଙ୍କୁ ଦେଖିବା ମାତ୍ରେ ତାଙ୍କର ହଠାତ୍ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମୃତ୍ୟୁର ୧୦ ମିନିଟ ମଧ୍ୟରେ ଶୋକାକୁଳ ପରିବେଶରେ ପାନଙ୍କ ହଠାତ ମୃତ୍ୟୁ ଘଟିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପାନଙ୍କ ସ୍ୱାମୀ ଭକ୍ତ ଜାନି ଗତ ୫ବର୍ଷ ତଳେ ମୃତ୍ୟୁବରଣ କରିଥିଲେ।

# ଦରମା ନ ମିଳିବାରୁ ଶିକ୍ଷକ ହଇରାଣ

ମାଲକାନଗିରି (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍‌ରେ କାର୍ଯ୍ୟରତ ପ୍ରାୟ ୩ ଶହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ସମସ୍ତ କର୍ମଚାରୀ ଏ ପର୍ଯ୍ୟନ୍ତ ଜୁଲାଇର ଦରମା ପାଇନାହାନ୍ତି। ଜୁନ୍‌ରେ ଏଠାକାର କାର୍ଯ୍ୟରତ ବିଇଓ ହୃଷୀକେଶ ଦଣ୍ଡସେନା ଅବସର ନେବା ପରେ ଜୁଲାଇରେ ଏହି ବ୍ଲକ୍‌କୁ କେହି ବିଇଓ ନ ଆସିବାରୁ ଠିକ୍ ସମୟରେ ଜୁଲାଇ ମାସର ଦରମା ପାଇବାରୁ କର୍ମଚାରୀମାନେ ବଞ୍ଚିତ ହୋଇଛନ୍ତି । ଅଗଷ୍ଟ ଆରମ୍ଭରେ ମାଥିଲି ବିଇଓ ସୀମିତ ବିଶ୍ୱାସ ଏହି ବ୍ଲକ୍‌ର ଅତିରିକ୍ତ ଦାୟିତ୍ୱ ନେଇ ଯୋଗଦେଲେ ବି ଆଜି ପର୍ଯ୍ୟନ୍ତ ଶିକ୍ଷକମାନେ ଦରମା ପାଇପାରିଲେ ନାହିଁ। ଦରମା କରିବା ପାଇଁ ଗତ ସୋମବାର ଶିକ୍ଷକ ସଂଘର କେତେଜଣ ନେତୃବୃନ୍ଦ ଅଫିସ୍‌କୁ ଯାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ଭେଟି ଘଟଣା ସମ୍ପର୍କରେ ବୁଝିଥିଲେ। କିନ୍ତୁ ସେଠାରୁ ସନ୍ତୋଷଜନକ ଉତ୍ତର ନ ପାଇ ନିରାଶ ହେଇ ଶୀଘ୍ର ଦରମା କରିବାକୁ ଅନୁରୋଧକରି ଫେରିଥିଲେ। ଏ ସମ୍ପର୍କରେ ବିଇଓ ବିଶ୍ୱାସଙ୍କୁ ପଚାରିବାରୁ ବୈଷୟିକ ସମସ୍ୟା ଯୋଗୁ ବିଳମ୍ବ ହୋଇଛି। କିନ୍ତୁ ଏହା ଏବେ ସମାଧାନ ହୋଇଯାଇଛି । ତେଣୁ ଅଳ୍ପଦିନ ମଧ୍ୟରେ ଦରମା ହୋଇଯିବ ବୋଲି ସେ କହିଥିଲେ।

# ଖାଦ୍ୟ ଧରି ଜିଲାପାଳଙ୍କ ପାଖରେ ପହଞ୍ଚିଲେ ବିଧାୟକ


ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିବା ଖାଦ୍ୟ ଥାଳି ଧରି ଜିଲାପାଳଙ୍କୁ ଦେଖାଇବାକୁ ଆସିଥିବା ବିଧାୟକ।

**ବିଦ୍ୟାଳୟରେ ପ୍ରଦତ୍ତ ଖାଦ୍ୟ ନିମ୍ନମାନର ଅଭିଯୋଗ**

**ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ: ଜିଲାପାଳ**

କୋରାପୁଟ, ୧୪।୮ (ଅମିତାଭ ବେହେରା )

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଧରଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ନିମ୍ନମାନର ଖାଦ୍ୟ ଧରି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ବୁଧବାର ଜିଲାପାଳ ଭି.କିର୍ତ୍ତୀ ଭାସନଙ୍କ ନିକଟରେ ପହଞ୍ଚି ଦେଖାଇଛନ୍ତି। ବୁଧବାର ବିଧାୟକ ସାଉଁତା ଉପରୋକ୍ତ ବିଦ୍ୟାଳୟକୁ ଗସ୍ତ କରିଥିଲେ। ସକାଳ ୧୦.୩୦ ପର୍ଯ୍ୟନ୍ତ ବିଦ୍ୟାଳୟକୁ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଆସି ନ ଥିବାରୁ ଏନେଇ ସେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନ କରି ଜଣାଇଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଥିବା ପୂର୍ବରୁ ଅଭିଯୋଗ ପାଇଥବାରୁ ସେ ନିଜେ ଉପସ୍ଥିତ ରହି ଅନୁଧ୍ୟାନ କରିଥିଲେ। ଯେଉଁ ଖାଦ୍ୟ ଛାତ୍ରୀଛାତ୍ରୀଙ୍କୁ ଦିଆଯାଉଛି ତାହା ଅତି ନିମ୍ନମାନର ହେଉଥିବାରୁ ଖାଇବା ସମ୍ଭବ ହେଉ ନ ଥିଲା। ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ସମ୍ପର୍କରେ ମଧ୍ୟ ସେ ପଚାରି ଥିଲେ। ବିଦ୍ୟାଳୟ ରେ ଏପରି ଅବ୍ୟବସ୍ଥା ନେଇ ବିଧାୟକ ସାଉଁନ୍ତା ଅସନ୍ତୋଷ ପ୍ରକାଶ କରିବା ସହିତ ଏ ବିଷୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଜିଲ୍ଲାପାଳ ଭାସନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

# ଚୋରା ମଦ କାରବାର ଉପରେ ଚଢ଼ାଉ, ୫ ଗିରଫ

ଜୟପୁର, ୧୪।୮ (ପବନ ପାଣିଗ୍ରାହୀ)– ଜୟପୁରସ୍ଥିତ ଗୋଇନ୍ଦା ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଛି। ଦେଶୀ ମଦ ବିକ୍ରୟ କରୁଥିବା ସୂଚନା ପାଇ ଅବକାରୀ ଗୋଇନ୍ଦା ବିଭାଗ କର୍ମଚାରୀ କୁନ୍ଦୁରା ଥାନା ଅନ୍ତର୍ଗତ ଶାରଦାପୁରରେ ଚଢ଼ାଉକରି ଗଣେଶ ପଟ୍ଟନାୟକଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ୨ ଶହ ଲିଟର ପୋଚ ଓ ୩୦ ଲିଟର ଦେଶୀ ମଦ ଜବତ କରିଛି । ସେହିପରି ଭୁସଙ୍ଗଗୁଡା ଗ୍ରାମର ଝିଲକରାମ ହରିଜନଙ୍କଠାରୁ ୩୦ ଲିଟର ମଦ ପ୍ୟାକେଟ ଜବତ କରି କର୍ମଚାରୀମାନେ ଝିଲକରାମଙ୍କୁ ଗିରଫ କରିଥିଲେ। ଭୁସଙ୍ଗଗୁଡା ଉମା ଝାଙ୍କଡଠାରୁ ୩୦ ଲିଟର ଦେଶୀ ମଦ, ଜିରାଗୁଡା ଗ୍ରାମର ସନପତି ହରିଜନଠାରୁ ୫୦ ଲିଟର ଦେଶୀ ମହୁଲ ପ୍ୟାକେଟ ଜବତ କରାଯାଇ ଉଭୟଙ୍କୁ ଗିରଫ କରାଯାଇଛି। ଗିରଫ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଓଆଇସି ରଶ୍ମିରଞ୍ଜନ ନାୟକ କହିଛନ୍ତି । ସେହିପରି ଅବକାରୀ ବିଭାଗ ପକ୍ଷରୁ କନ୍ଧଗୁଡା ଜଙ୍ଗଲରେ ଚଢାଉ କରାଯାଇ ୮ଶହ ଲିଟର ପୋଚ ଓ ୪୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି। ଦେଶୀ ମଦ ଚାଲାଣ କରୁଥିବା ବେଳେ ଘିଉରି ଗ୍ରାମରେ ଚଢ଼ାଉକରି କର୍ମଚାରୀମାନେ ଜଣଙ୍କୁ ଗିରଫ କରିଛନ୍ତି। ସେ ହେଲେ ଘିଉରି ଗ୍ରାମର ଲବ ବିଷୋୟୀ (୫୦)। ତାଙ୍କଠାରୁ ୯ ଲିଟର ଦେଶୀ ମଦ ଜବତ ହୋଇଛି।

# ଗଞ୍ଜେଇ ଚାଲାଣ ମାମଲା, ଜଣେ ଗିରଫ

ଜୟପୁର, ୧୪।୮ (ପବନ ପାଣିଗ୍ରାହୀ)

ଗଞ୍ଜେଇ ଚୋରା ଚାଲାଣ ମାମଲାରେ ସଦର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ କୋରାପୁଟ ପାଲ୍ଲିଗୁଡା ଗ୍ରାମର ମହେନ୍ଦ୍ର ଖିଲ (୨୪)। ଗତ ୧୬।୬।୨୩ ପାତ୍ରପୁଟ ଛକରେ ପୋଲିସ ପାଟ୍ରୋଲିଂ ଚାଲିଥିବା ବେଳେ ଏକ ବାଇକ୍‌ରେ ଗଞ୍ଜେଇ ଧରି ଆସୁଥିବା ମହେନ୍ଦ୍ର ପୋଲିସକୁ ଦେଖି ଗଞ୍ଜେଇ ଓ ବାଇକ୍‌କୁ ଛାଡି ଫେରାର ହୋଇଯାଇଥିଲେ। ପରେ ପୋଲିସ ସେଠାରୁ ବାଇକ ଓ ୭୦ କେଜି ଗଞ୍ଜେଇ ଜବତ କରିଥିଲା। ଉକ୍ତ ମାମଲାରେ ଜଡିତ ମହେନ୍ଦ୍ରଙ୍କୁ ବୁଧବାର ବୈପାରିଗୁଡା ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# କାଜୁ ଚୋରି ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୪।୮ (ପବନ ପାଣିଗ୍ରାହୀ)

କାଜୁ ଚୋରି ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି ଜୟପୁର ସଦର ପୋଲିସ କୋର୍ଟଚାଲାଣ କରିଛି। ସେ ହେଲେ ଅନ୍ତା ଗ୍ରାମର ସୁନାଧର କମାର (୪୦)। ୩୦।୫।୨୪ରେ ଅନ୍ତା ଗ୍ରାମରେ ଥିବା କାଜୁ ମିଲ୍‌ରୁ ୫୦ କେଜି ଓଜନର ୧୧ ପାକେଟ କାଜୁ ଓ ଏକ ମୋଟର ପାଇପ ଚୋରି ହୋଇଥିଲା। ଜୟପୁର ସହର ଦାଶରି ସାହିରେ ରହୁଥିବା ମାଲିକ କେ. ଶିବ ପ୍ରସାଦ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଏଥିରେ ସମ୍ପୃକ୍ତ ଥିବା ୩ଜଣଙ୍କୁ ପୋଲିସ ପୂର୍ବରୁ ଗିରଫ କରିଥିଲା। ବୁଧବାର ସୁନାଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଇଶ୍ୱର ତାଣ୍ଡି କହିଛନ୍ତି ।

# ତ୍ରିରଙ୍ଗା ରାଲି, କନ୍‌ସର୍ଟ ଆୟୋଜିତ




ମାଲକାନଗିରି, ୧୪।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପଞ୍ଚାୟତ, ବ୍ଲକ୍, ପୌରାଞ୍ଚଳ ଓ ଜିଲାସ୍ତରରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଏହାର ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସୀ ସେଠୀ, ଜିଲା ପରିଷଦ ଅର୍ଥ ପରିଚାଳକ ମାନସ ମିଶ୍ରଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧି ଏଥିରେ ଅଂଶ ଗ୍ରହଣ କରିଥିଲେ। ଦେଶପ୍ରୀତିକୁ ଉଜ୍ଜୀବିତ କରିବା ଲକ୍ଷ୍ୟନେଇ ସମସ୍ତେ ତ୍ରିରଙ୍ଗା ଧରି ଦେଶପ୍ରେମର ନାରା ଦେଇଥିଲେ। ଏହି ଅବସରରେ ସଂସ୍କୃତି ଭବନରେ ତ୍ରିରଙ୍ଗା କନ୍‌ସର୍ଟ ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ନୃତ୍ୟ, ସଙ୍ଗୀତ ଚିତ୍ରକଳା ଓ ଝୋଟି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ଅବସରରେ ସମସ୍ତେ କାନ୍‌ଭାସ୍‌ରେ ବାର୍ତ୍ତା ସହ ସେଲ୍ଫି ପଏଣ୍ଟରେ ଫଟୋ ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ଓ ବିନାଶ ମିଶ୍ର ସଂଯାଜନା କରିଥିଲେ।

# ହର୍ ଘର୍ ତ୍ରିରଙ୍ଗା ଅବସରରେ ବାଇକ୍ ଶୋଭାଯାତ୍ରା

ଜୟପୁର, ୧୪।୮ (ପବନ ପାଣିଗ୍ରାହୀ)

ହର୍ ଘର୍ ତ୍ରିରଙ୍ଗା ଅବସରରେ ଜିଲାସ୍ତରୀୟ ବାଇକ୍ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜୟପୁର ବାରିଣିପୁଟରୁ ଆମ୍ବେଡକର ଛକ ଯାଏ ଏହି ଶୋଭାଯାତ୍ରା ପରିକ୍ରମା କରିଥିଲା। ଶୋଭାଯାତ୍ରା ବେଳେ ମୁଖ୍ୟ ଟ୍ରାଫିକ ଛକ ନିକଟରେ ଉଡୁଥିବା ବିରାଟ ଜାତୀୟ ପତାକାକୁ ସମ୍ମାନ ଜଣାଇଥିଲେ। ସେଠାରୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଶୋଭାଯାତ୍ରା ପହଞ୍ଚିଥିଲା। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଠାରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ତଥା କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଜିଲାପାଳ ଭି.କୀର୍ତ୍ତି ଭାସନ, ଏସ୍‌ପି ଅଭିନବ ସୋନାକାର, ଏସ୍‌ଡିପିଓ ଅଙ୍କିତ ବର୍ମା, ଉପଜିଲାପାଳ ପ୍ରଭାତ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଶୋଭାଯାତ୍ରା ଓ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରୀ ରମଣିରଞ୍ଜନ ଦଳେଇ ସାମିଲ ହୋଇଥିଲେ।

# କୋରାପୁଟରେ ହର୍ ଘର୍ ତ୍ରିରଙ୍ଗା ନେଇ ଶୋଭାଯାତ୍ରା

କୋରାପୁଟ/ କୋଟପାଡ଼, ୧୪।୮
(ଅମିତାଭ ବେହେରା / କେ. ରାଜଶେଖର ରାଓ)


କୋରାପୁଟରେ ତ୍ରିରଙ୍ଗା ଶୋଭାଯାତ୍ରା ଅବସରରେ ବାହାରିଥିବା ବାଇକ୍ ଶୋଭାଯାତ୍ରା।

ହର ଘର ରଙ୍ଗା ଅଭିଯାନ ପରିପ୍ରେକ୍ଷୀରେ କୋରାପୁଟ ସହରରେ ବୁଧବାର ଏକ ବିଶାଳ ବାଇକ୍ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସର୍କିଟ ହାଉସଠାରୁ ଏହି ଶୋଭାଯାତ୍ରା ଓ ପଦଯାତ୍ରା ଆରମ୍ଭ ହୋଇ ରେଲୱେ ଛକଠାରେ ଶେଷ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଭି.କୀର୍ତ୍ତି ଭାସନ, ଏସ୍‌ପି ଅଭିନବ ସୋନକର, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଉପ ଜିଲାପାଳ ବେଣୁଧର ଶବର, ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ସରକାରୀ ଅଧିକାରୀ ଓ କର୍ମଚାରୀ ଏବଂ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।



କୋଟପାଡରେ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ନେଇ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

କୋଟପାଡ଼ ଅଞ୍ଚଳରେ ମଧ୍ୟ ଗତ ତିନି ଦିନଧରି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ହୋଇଆସୁଛି। ବିଭିନ୍ନ ଯୁବ ଗୋଷ୍ଠୀ, ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରୁଛି। ଦେଶ ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରାଯାଉଥିବା ଦେଖିବାକୁ ମିଳିଛି। ଭୋସୁଂଲି, ଗିର୍ଲା, ମୂର୍ତ୍ତାହାଣ୍ଡି, ଧାମନାହାଣ୍ଡି, ଚାନ୍ଦିଲି, ପଞ୍ଚୟତରେ ମଧ୍ୟ ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ପତାକା ଧରି ପଞ୍ଚୟତ ପରିକ୍ରମା କରିଥିଲେ । କୋଟପାଡ଼ ସହରାଞ୍ଚଳରେ ବିଧାୟକ ରୁପୁ ଭତରା ଦଳୀୟ କର୍ମୀ ଓ ଛାତ୍ରୀଛାତ୍ରଙ୍କ ସହ ସହର ପରିକ୍ରମା କରିଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଅଧ୍ୟକ୍ଷ ଏମ. ଶଙ୍କର ରାଓ ଏବଂ ୱାର୍ଡ ସଭ୍ୟାସଭ୍ୟମାନେ ମହାବିଦ୍ୟାଳୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ବାଳିକା ବିଦ୍ୟାଳୟର ଏନସିସି, ସ୍କାଉଟ ଛାତ୍ରୀ ଛାତ୍ରଙ୍କ ସହ ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରଥିବା ଜଣାପଡିଛି।

## ସଂକ୍ଷେପରେ

### ଆଉ ଜଣେ ଝାଡ଼ାବାନ୍ତି ଆକ୍ରାନ୍ତ ମୃତ

ନନ୍ଦାହାଣ୍ଡି,୧୪।୮(ପ୍ରତୀପ କୁମାର ଦାଶ) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣେ ବୃଦ୍ଧାଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ନନ୍ଦାହାଣ୍ଡି ବ୍ଲକ ଫୁପୁଗାଁର ଯମୁନା ଅମନାତ୍ୟ (୭୦)। ଗାଁରେ ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା କରି ଗ୍ରାମବାସୀ ଗାଁ ଭିତରକୁ ପୂରାଇ ଦେଇ ନ ଥିଲେ। ଗାଁ ଶ୍ମଶାନରେ ତାଙ୍କ ମୃତଦେହ ସତ୍କାର କରାଯାଇଛି। ଡାକ୍ତରୀ ଟିମ୍ ଫୁପୁଗାଁକୁ ଯାଇ ମୃତକଙ୍କ ସଂସ୍ପର୍ଶରେ ଆସିଥିବା ତାଙ୍କ ପରିବାର ଲୋକଙ୍କୁ ପ୍ରାକ୍ ସାବଧାନତା ପୂର୍ବକ ସମସ୍ତ ଔଷଧ ଯୋଗାଇଛନ୍ତି।

ସୂଚନାନୁଯାୟୀ, ଗତ କିଛି ଦିନ ହେବ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍‌ର ଦଣ୍ଡସେନାଗୁଡ଼ା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଏହି ଗାଁରେ ସପ୍ତାହକ ମଧ୍ୟରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଏଠାରେ ଡାକ୍ତରୀ ଦଳଙ୍କ ପ୍ରଚେଷ୍ଟା ଫଳରେ ବର୍ତ୍ତମାନ ସ୍ଥିତି ସୁଧୁରୁଛି। ମଙ୍ଗଳବାର ୫ଜଣ ଆକ୍ରାନ୍ତଙ୍କୁ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ସ୍ୱପ୍ନା ନାୟକ ସୂଚନା ଦେଇଛନ୍ତି। ଉକ୍ତ ଗାଁରୁ କେହି ନୂଆ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। କିନ୍ତୁ ଦଣ୍ଡସେନାଗୁଡ଼ା ଗ୍ରାମକୁ ଯାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଗନ୍ନାଥପୁର ପଞ୍ଚାୟତ ଫୁପୁଗାଁର ୭୦ ବର୍ଷୀୟା ଯମୁନାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ୨ଦିନ ଚିକିତ୍ସିତ ହେବା ପରେ ମଙ୍ଗଳବାର ରାତିରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏବେ ଫୁପୁଗାଁ ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

### ଗଣଶିକ୍ଷା ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଉଦ୍‌ଘାଟିତ

ଉମରକୋଟ,୧୪।୮(ସନ୍ତୋଷ ଶତପଥୀ): ନବରଙ୍ଗପୁର ଜିଲା ଉମରକୋଟ ସହରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଆରମ୍ଭ ହୋଇଛି। ସାଧାରଣ ଲୋକଙ୍କ ସୁବିଧା ପାଇଁ ଏହି ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ନିର୍ବାଚନମଣ୍ଡଳୀରେ ନ ଥିଲେ ମଧ୍ୟ ଏହା ମାଧ୍ୟମରେ ଲୋକେ ସମସ୍ୟା ନେଇ ମନ୍ତ୍ରୀଙ୍କୁ ସମସ୍ୟା ଜଣାଇପାରିବେ ବୋଲି ସେ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଡିଓ ପ୍ରୀତିରଞ୍ଜନ ରଥ, ବିଇଓ ବିକାଶ ଚନ୍ଦ୍ର ସରକାର, ଏବିଇଓ ପୁରୁଷୋତ୍ତମ ମାଝି, ଦେବେନ୍ଦ୍ର ବାଘ, ଆଇନଜୀବୀ ରାମ ନାୟକ, ଅଶୋକ ପାଢ଼ୀ, ୧୦ ନମ୍ବର ୱାର୍ଡ କାଉନସିଲର କନକଲତା ନାୟକ ଅତିଥିଭାବେ ଯୋଗଦେଇଥିଲେ। ଅଶୋକ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିପିଇପି ଯନ୍ତ୍ରୀ ମନୋରଞ୍ଜନ ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଭାଜପାର ମନ୍ଦିରା ନାୟକ, ପ୍ରଭାତ ନାୟକ, ସନତ ଠାକୁର, ଅଶୋକ ସାହୁ, ଜୋଟି ପଟ୍ଟନାୟକ, ପାଟୁ ପଟ୍ଟନାୟକ, ସତ୍ୟ ବେହେରା, ସୀତାରାମ ପାଣ୍ଡ, ରାଜା ଭାଇ, ସନ୍ତୋଷ ଶର୍ମା, ଶ୍ରୀନବାସ ମୂର୍ତ୍ତି, ବାଦଲ ପଟ୍ଟନାୟକ, ମିଲୁ ପଣ୍ଡା, ଟିଙ୍କୁ ଦାସଙ୍କ ସହ ବହୁ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ନଗର ସଭାପତି ଗୋପୀନାଥ ସାହୁ ଧନ୍ୟବାଦ ଦେଇଥିଲେ।

### ଛାତ୍ର ସଂସଦର ଅଭିଷେକ ସମାରୋହ

ନବରଙ୍ଗପୁର,୧୪।୮(ସଦାଶିବ ପ୍ରହରାଜ): ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନବରଙ୍ଗପୁରରେ ଛାତ୍ର ସଂସଦର ଅଭିଷେକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ହିତେଶ କୁମାର ବର୍ମା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମସ୍ତ ଛାତ୍ର ସଂସଦକୁ ସମ୍ମାନିତକରି ବିଦ୍ୟାଳୟ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରିଥିଲେ। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଏବଂ ଛାତ୍ରୀଛାତ୍ରଙ୍କ ସଫଳ ଭାଗୀଦାରି ଉପରେ ଗୁରୁତ୍ୱ ଦେବେ ବୋଲି ବିଦ୍ୟାଳୟ କ୍ୟାପ୍‌ଟେନ ବିବେକ ଭୂଷଣ ନାୟକ (ବାଳକ) ଓ ବିଦ୍ୟାଳୟ କ୍ୟାପ୍‌ଟେନ (ବାଳିକା) ସିଦ୍ଧି ସୁନୟନା ଗନ୍ତାୟତ କହିଥିଲେ। ମୁଖ୍ୟ ଅତିଥି ଛାତ୍ର ସଂସଦ ସଭ୍ୟଙ୍କୁ ଶପଥ ପାଠ କରାଇ ସମ୍ମାନିତ କରିଥିଲେ। ଛାତ୍ର ସଂସଦର ଅଗ୍ରଣୀ ଭିତ୍ତିକ କାର୍ଯ୍ୟରେ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ହେବ ବୋଲି ସେ କହିଥିଲେ। ବିଦ୍ୟାଳୟ ସିସିଏ ପ୍ରଭାରୀ ବ୍ରିଜେଶ କୁମାର ସଭା ସଞ୍ଚାଳନ ତଥା ସମ୍ପାଦନ କାର୍ଯ୍ୟ କରିଥିଲେ। ସଭାରେ ସମସ୍ତ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ଦାବିରେ ଧାରଣା




ଧାରଣା ଦେବାକୁ ଅଞ୍ଚଳବାସୀ ଶୋଭାଯାତ୍ରାରେ ଯାଉଛନ୍ତି।

କୋଷାଗୁମୁଡ଼ା, ୧୪।୮(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ମହକୁମାରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ବୁଧବାର ପ୍ରତୀକ ଧାରଣା ଦିଆଯାଇଛି। ବିଡିଓ ଆଶିଷ ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

କୋଷାଗୁମୁଡ଼ା ରାଜା ଚାଉଁରିଆ ମନ୍ଦିରରେ ପୂଜାର୍ଚ୍ଚନା ପରେ ସ୍ଥାନୀୟ ଲୋକେ ବିଭିନ୍ନ ନାରା ଦେଇ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ବିଡିଓଙ୍କୁ ଦାବିପତ୍ର ଦେବାପରେ ସମସ୍ତେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତୀକ ଧାରଣା ଦେଇଛନ୍ତି। ୨୦୧୭ରେ ଆଇନ ବିଭାଗ ପକ୍ଷରୁ ଚିଠି ନମ୍ବର ୭୯୭୩ ଅନୁଯାୟୀ କୋଷାଗୁମୁଡ଼ା ସଦର୍ ମହକୁମାରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ସ୍ଥିର କରାଯାଇଥିଲା। ଉକ୍ତ ବିଜ୍ଞପ୍ତି ପ୍ରକାରେ ଜିଲା ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ କରାଯାଇଥିଲା। କିନ୍ତୁ ୧୫ ଜୁଲାଇରେ ଓଡ଼ିଶା ସରକାର ପୁଣି ଏକ ବିଜ୍ଞପ୍ତି ଜାରି କରିଛନ୍ତି, ଯେଉଁଥିରେ କୋଷାଗୁମୁଡ଼ା ପରିବର୍ତ୍ତେ କୋଡିଙ୍ଗାରେ କୋର୍ଟ ସ୍ଥାପନ କରାଯିବ ବୋଲି ସେଥିରେ ଉଲ୍ଲେଖ ରହିଛି। ଏନେଇ କୋଷାଗୁମୁଡ଼ା ଅଞ୍ଚଳବାସୀ ଅଗଷ୍ଟ ୫ରେ ରାଜ୍ୟ ସରକାର ଓ ନବରଙ୍ଗପୁର ଜିଲାପାଳଙ୍କୁ ଲିଖିତ ପତ୍ର ମାଧ୍ୟମରେ ପ୍ରକାଶିତ ବିଜ୍ଞପ୍ତିକୁ ବଦଳାଇ ୭ଦିନ ମଧ୍ୟରେ ଚିଠି ନମ୍ବର ୭୯୭୩/୧୭ ଅନୁଯାୟୀ କୋଷାଗୁମୁଡ଼ା ମୁଖ୍ୟାଳୟରେ କୋର୍ଟ ସ୍ଥାପନ କରିବାକୁ ଜଣାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। କିନ୍ତୁ ସରକାର ଏବେ ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେଣୁ ଅଞ୍ଚଳବାସୀ କୋର୍ଟ ସ୍ଥାପନ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପ୍ରତୀକ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଆଗାମୀ ଦିନରେ ସବୁ ଦୋକାନ ବଜାର ବନ୍ଦ ରଖାଯିବ ବୋଲି କୋଷାଗୁମୁଡ଼ା ଅଞ୍ଚଳ ବିକାଶ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ବିଭାଜନ ବିଭୀଷିକା ସ୍ମୃତି ଦିବସ

ଉମରକୋଟ, ୧୪।୮ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଡିଏନ୍‌କେସ୍ଥିତ ମତୁଆ ସମ୍ପ୍ରଦାୟର ହରି ମନ୍ଦୀରରେ ବିଭାଜନ ବିଭୀଷିକା ଦିବସ ପାଳନ କରାଯାଇଛି। ୧୯୪୭ ଅଗଷ୍ଟ ୧୪ରେ ଭାରତକୁ ବିଭାଜିତ କରାଯାଇଥିଲା। ଏହି ସମୟରେ ଲକ୍ଷଲକ୍ଷ ଦେଶବାସୀଙ୍କ ଦୁଃଖ, ଯନ୍ତ୍ରଣା ଓ ପୀଡ଼ାକୁ ମନେ ରଖିବାକୁ ଏହି ଦିବସ ପାଳନ କରାଯାଉଛି। ବ୍ରିଟିସ୍ ଶାସନାଧୀନ ଭାରତର ବିଭାଜନ ଘଟି ଭାରତ ଓ ପାକିସ୍ତାନ ପରି ଦୁଇଟି ସ୍ୱତନ୍ତ୍ର ଦେଶ ଗଠିତ ହୋଇଥିଲା। ଅଗଣିତ ଲୋକଙ୍କୁ ନିଜର ଭିଟାମାଟି ଛାଡ଼ି ନିଜ ଦେଶରେ ଶରଣାର୍ଥୀ ଭାବରେ ରହିବାକୁ ପଡ଼ିଲା। ଏବେ ମଧ୍ୟ ନିଜର ଆତ୍ମୀୟ ସ୍ୱଜନଙ୍କୁ ହରାଇଥିବା ଦେଶବାସୀଙ୍କ ପୀଡ଼ା ଉଜ୍ଜୀବିତ ହୋଇ ରହିଛି। କିଛି ସ୍ୱାର୍ଥାନ୍ୱେଷୀ ନେତାଙ୍କ ଯୋଗୁ ଶହୀଦଙ୍କ ଅଖଣ୍ଡ ଭାରତର ସ୍ୱପ୍ନ ପୂରଣ ହୋଇପାରିଲା ନାହିଁ। ସେମାନଙ୍କୁ ଏବଂ ବିଭାଜନର ଶିକାର ହୋଇଥିବା ଦେଶବାସୀଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ଏହି ଦିବସ ପାଳନ କରାଯାଉଛି ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉମରକୋଟ ବିଧାୟକ ତଥା ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓ ଝରିଗାଁ ବିଧାୟକ ନରସିଂହ ଭତରା, ଜୟଦେବ ପରିଡା, ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଆଇନଜୀବୀ ତଥା ୧ନମ୍ବର ୱାର୍ଡ କାଉନସିଲର ତପନ ଦେବନାଥ, ସୁରେଶ ଆଚାର୍ଯ୍ୟ, ତପନ ପାଲ, ଶିବନାଥ ବାନାର୍ଜୀ, ମନ୍ମଥ ରାୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଞ୍ଜିତ ବିଶ୍ୱାସ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ମଞ୍ଚାସୀନ ଅତିଥି।

# କେହି ବି ଶିକ୍ଷାରୁ ବଞ୍ଚିତ ହେବେ ନାହିଁ: ଡିଇଓ




ବୈଠକରେ ମଞ୍ଚାସୀନ ଅଧିକାରୀ।

ନବରଙ୍ଗପୁର,୧୪।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ଡିଆଇଇଟି ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିମୁଖୀକରଣ କାର୍ଯ୍ୟକ୍ରମ 'ଉଦୟମ' ଆୟୋଜିତ ହୋଇଯାଇଛି। ଡିଇଓ ଛତ୍ରପତି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅଭିମୁଖୀକରଣ କାର୍ଯ୍ୟକ୍ରମରେ ଏଡିଇଓ ରେଶମଲାଲ ନାୟକ, ଡିଆଇଇଟି ଅଧକ୍ଷ ଅରବିନ୍ଦ ମଢ଼େଇ, ପିରାମଲ୍ ଫାଉଣ୍ଡେଶନ ପ୍ରୋଗ୍ରାମ ମ୍ୟାନେଜର ବିକ୍ରମ କିଶୋର ରଣା ପ୍ରମୁଖ ମଞ୍ଚାସୀନ ଥିଲେ।

ଜିଲାରେ ଦୀର୍ଘଦିନ ଧରି ଅନୁପସ୍ଥିତ ଛାତ୍ରୀଛାତ୍ର, ବିଦ୍ୟାଳୟରେ ନାମ ଲେଖାଇ ନ ଥିବା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇ ପାରି ନ ଥିବା ଛାତ୍ରୀଛତ୍ରଙ୍କୁ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଡ୍ରପ୍ ଆଉଟ ଛାତ୍ରୀଛାତ୍ର ପୁନଃ ବିଦ୍ୟାଳୟ ଆସିବା ପାଇଁ ଉତ୍ସାହିତ କରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଅଭିମୁଖୀକରଣ କାର୍ଯ୍ୟକ୍ରମରେ ଜିଲାସ୍ତରରେ ସମସ୍ତ ଏଆର୍‌ସିସି ଏବଂ ବିଇଓ ସାମିଲ ହୋଇଥିଲେ। ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ଓ ସମସ୍ତ ତଥ୍ୟ ଏକତ୍ର କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ତଥ୍ୟ ସବୁ ଶିକ୍ଷକ, ପ୍ରଧାନ ଶିକ୍ଷକ, ଅଙ୍ଗନୱାଡି କର୍ମୀ ସଂଗ୍ରହ କରିବେ। ଜିଲାରେ ସେଗୁଡିକ ବିଶ୍ଳେଷଣ ହେବା ପରେ ସମ୍ପୂର୍ଣ୍ଣ ତଥ୍ୟ ଏକାଠି ହେବ। ପ୍ରଧାନ ଶିକ୍ଷକ ଓ ଶିକ୍ଷକମାନେ ସରପଞ୍ଚ ଓ ଅଙ୍ଗନୱାଡି କର୍ମୀଙ୍କ ସହଯୋଗରେ ସେହି ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ମାଆବାପାଙ୍କୁ ପରାମର୍ଶ ଦେବେ। ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରି ମାଟ୍ରିକ୍ ଛାତ୍ରବୃତ୍ତି ଯୋଜନାର ସୁବିଧା ମଧ୍ୟ ଯୋଗାଇ ଦିଆଯିବ। ଏହି ପ୍ରୟାସକୁ 'ଉଦୟମ' ନାମ ଦିଆଯାଇଛି ବୋଲି ଅତିଥିମାନେ କହିଥିଲେ।

### ଗଛ ପଡ଼ି ଦିବ୍ୟାଙ୍ଗ ଯୁବକ ଗୁରୁତର

ତେନ୍ତୁଳିଖୁଣ୍ଟି, ୧୪।୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଲମତାଗୁଡ଼ା ପଞ୍ଚାୟତ ଆଉଁଲିଗୁମ୍ମା ଗ୍ରାମ ଠାକୁରାଣୀ ମନ୍ଦିର ନିକଟରେ ଗଛ ପଡ଼ି ଜଣେ ଯୁବକ ଗୁରୁତର ଅଛନ୍ତି। ସେ ହେଲେ ଗାଁର ଗୋବର୍ଦ୍ଧନ ଟାକ୍ରି (୩୫)।

ଗୋବର୍ଦ୍ଧନ ଶୁଣିପାରନ୍ତି ନାହିଁ କି ଦେଖିପାରନ୍ତି ନାହିଁ। ସେ ସବୁବେଳେ ଗାଁ ମଧ୍ୟରେ ହିଁ ବୁଲାବୁଲି କରିଥାନ୍ତି। ବୁଧବାର ଏଭଳି ବୁଲୁଥିବାବେଳେ ଏକ ଗଛ ତାଙ୍କ ଉପରେ ପଡ଼ିଯାଇଥିଲା। ଗ୍ରାମବାସୀ ଗୋବର୍ଦ୍ଧନଙ୍କୁ ଉଦ୍ଧାରକରି ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛି। ସେହିଭଳି ଗଛ ପଡ଼ି ଆଉଁଲିଗୁମ୍ମା ଫତାଗୁଡ଼ା ରାସ୍ତା ଅବରୋଧ ହୋଇଥିବା ସୂଚନା ମିଳିଛି।

# ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଶହୀଦ ମିନାର ପରିଦର୍ଶନ

ପାପଡ଼ାହାଣ୍ଡି, ୧୪।୮ (ସ୍ୱପ୍ନଜିତ ପଟ୍ଟନାୟକ)

ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ନବରଙ୍ଗପୁର ଗସ୍ତରେ ଆସି ପାପଡ଼ାହାଣ୍ଡି ଶହୀଦ ମୀନାର ପରିଦର୍ଶନ କରିଥିଲେ। ମନ୍ତ୍ରୀ ଶହୀଦସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଶହୀଦ ସ୍ମୃତି କମିଟିର ସଭାପତି ମୁନା ତ୍ରିପାଠୀ ଶହୀଦ ମୀନାରର ଐତିହ୍ୟ ସମ୍ପର୍କରେ ଅବଗତ କରିଥିଲେ। ମନ୍ତ୍ରୀ ତ୍ରିରଙ୍ଗା ଯାତ୍ରା ରାଲିରେ ଯୋଗଦେଇଥିଲେ। ଏହି ସମୟରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ବିଡିଓ କପିଳଦେବ ସାହୁ, ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ଜୟନ୍ତ କୁମାର ପାତ୍ର, ତ୍ରିନାଥ ଅମନାତ୍ୟ, ଲିଙ୍ଗରାଜ ଭତରା, ହରି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଶହୀଦ ମିନାରରେ ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଅନ୍ୟମାନେ।

# ମହାରାଷ୍ଟ୍ରରୁ ଫେରିବେ ୫ ବର୍ଷ ଧରି ନିଖୋଜ ଥିବା ମହିଳା

ନବରଙ୍ଗପୁର,୧୪।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରୁ ୫ ବର୍ଷ ତଳେ ନିଖୋଜ ଥିବା ଜଣେ ମହିଳା ମହାରାଷ୍ଟ୍ରରୁ ମିଳିଛନ୍ତି। ବ୍ଲକ୍ ପ୍ରଶାସନ ଏ ଖବର ପାଇ ସମ୍ପୃକ୍ତ ମହିଳାଙ୍କ ପରିବାର ଲୋକଙ୍କୁ ଜଣାଇଛନ୍ତି। ଏଥିସହ ସେଠାରୁ ମହିଳାଙ୍କୁ ଆଣିବା ପାଇଁ ଏକ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ୧୯ ତାରିଖରେ ମହାରାଷ୍ଟ୍ର ଯିବ ବୋଲି ସୂଚନା ମିଳିଛି।



ସୂଚନାନୁଯାୟୀ, ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବିଡିଓ ଅସିତ ତ୍ରିପାଠୀଙ୍କୁ ମହାରାଷ୍ଟ୍ର ଆକୋଲା ଜିଲା ଖଡକିରେ ଥିବା ଶାସକୀୟ ଜାଗୃତି ମହିଳା ରାଜଗୃହର ହର୍ଷାଲୀ ଉମାଲେ ଜୁଲାଇ ୩୦ରେ ଫୋନ କରିଥିଲେ। କୋଷାଗୁମୁଡ଼ା ବ୍ଲକ ଅଧୀନ ବାଲେଙ୍ଗାର ରାମବତି ଭତ୍ରାଙ୍କୁ ୫ ବର୍ଷ ତଳେ ଖଡକିରୁ ଉଦ୍ଧାର କରାଯାଇଥିଲା। ସେ ମାନସିକ ବିକୃତ ଥିବାରୁ ପରିଚୟ ଦେଇପାରି ନ ଥିଲେ। ରାମବତିଙ୍କୁ ଶାସକୀୟ ଜାଗୃତି ମହିଳା ରାଜଗୃହରେ ରଖାଯାଇ ସେବା ସହ ତାଙ୍କର ଚିକିତ୍ସା କରାଯାଉଥିଲା। ୨ ବର୍ଷ ହେବ ରାମବତୀ ଧୀରେ ଧୀରେ ସୁସ୍ଥହେବା ଆରମ୍ଭ କରିଥିଲେ। ୧୦ ଦିନ ହେବ ରାମବତୀ ନିଜ ପରିଚୟ ଦେବା ସହ ଗାଁ ଓ ବ୍ଲକ୍‌ର ନାମ କହିପାରିଛନ୍ତି ବୋଲି ସେ ବିଡିଓଙ୍କୁ ଜଣାଇଥିଲେ।

#### ଟିମ୍ ଗଠନକରି ଆଣିବା ବ୍ୟବସ୍ଥା କଲେ ବିଡିଓ

ଏହାପରେ ବିଡିଓ ବାଲେଙ୍ଗା ସରପଞ୍ଚ ନୀଳଧର ଭତ୍ରାଙ୍କୁ ଯୋଗାଯୋଗ କରିଥିଲେ। ରମେଶ ଭତ୍ରାଙ୍କ ସ୍ତ୍ରୀ ରାମବତୀ ୫ ବର୍ଷ ହେବ ନିଖୋଜ ଥିବା ବିଡିଓ କହିଥିଲେ। ସରପଞ୍ଚ ରାମବତୀଙ୍କ ଆଧାର ଓ ଭୋଟର ପରିଚୟପତ୍ର ସହ ପରିବାରର ଫଟୋ ବିଡିଓଙ୍କୁ ଦେଇଥିଲେ। ରାମବତୀଙ୍କୁ ମହାରାଷ୍ଟ୍ରରୁ ଆଣିବା ବ୍ୟବସ୍ଥା କରିବାକୁ ଲିଖିତଭାବେ ଜଣାଇଥିଲେ। ପରିଚୟ ପତ୍ର ଓ ଫଟୋଗୁଡିକୁ ବିଡିଓ ରାଜଗୃହ ମୁଖ୍ୟ ହର୍ଷାଲିଙ୍କୁ ପଠାଇଥିଲେ। ରାମବତୀ ସ୍ୱାମୀ, ପୁଅ, ଝିଅଙ୍କୁ ଜାଣିପାରି ବହୁ ଖୁସି ହୋଇଥିଲେ। ପ୍ରଶାସନିକ କାଗଜପତ୍ର କରି ରାମବତୀଙ୍କୁ ନେବାକୁ ହର୍ଷାଲି କହିଥିଲେ। ବିଡିଓ ତ୍ରିପାଠୀ ନବରଙ୍ଗପୁରର ତତ୍କାଳୀନ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏବେ ବିଡିଓ ସ୍ୱାମୀ ରମେଶ, ସରପଞ୍ଚ ନୀଳଧର, ସମିତି ସଭ୍ୟ ପଡ଼ଲାମ ଭତ୍ରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ସାହୁ, ଯୋଗାଣ ସହାୟକ ରଜନୀକାନ୍ତ ହରିଜନଙ୍କୁ ନେଇ ଏକ ଟିମ୍ ଗଠନ କରିଛନ୍ତି। ଏହି ଟିମ୍ ରାମବତୀଙ୍କୁ ଆଣିବାକୁ ୧୯ ତାରିଖରେ ମହାରାଷ୍ଟ୍ର ଯିବ।

# ପାପଡ଼ାହାଣ୍ଡି, ତେନ୍ତୁଳିଖୁଣ୍ଟିରେ ତ୍ରିରଙ୍ଗା ଯାତ୍ରା




ପାପଡ଼ାହାଣ୍ଡିରେ ବାହାରିଥିବା ଶୋଭାଯାତ୍ରା।




ତେନ୍ତୁଳିଖୁଣ୍ଟିରେ ଆୟୋଜିତ ଶୋଭାଯାତ୍ରାରେ ବିଡିଓ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ପାପଡ଼ାହାଣ୍ଡି/ତେନ୍ତୁଳିଖୁଣ୍ଟି, ୧୪।୮ (ସ୍ୱପ୍ନଜିତ ପଟ୍ଟନାୟକ/ ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ପ୍ରଶାସନ ପକ୍ଷରୁ ବୁଧବାର ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଦର ମହକୁମା ସହ ଅନ୍ୟ ପଞ୍ଚାୟତରେ ମଧ୍ୟ ଏହା ପାଳିତ ହୋଇଛି। ବ୍ଲକ୍ ସଦରରେ ବିଡିଓ କପିଳଦେବ ସାହୁଙ୍କ ଅଧ୍ୟକ୍ଷତାରେ ନୀଳକଣ୍ଠେଶ୍ୱର ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରିଥିଲା। ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଅଧ୍ୟକ୍ଷା ହେମଲତା ମାଝୀ, ଜିପିଓ ଅକ୍ଷୟ ପଟ୍ଟନାୟକ, ତହସିଲଦାର ତପନ କୁମାର ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭାରତ ମାତା କି ଜୟ ଏବଂ ହର୍ ଘର୍ ତ୍ରିରଙ୍ଗା ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରାଯାଇଥିଲା। ଶେଷରେ ଶହୀଦ ସ୍ତମ୍ଭ ଓ ମିନାର ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଛି। ଏହାପରେ ବ୍ଲକ୍ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ସେହିପରି ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ତ୍ରିରଙ୍ଗା ଯାତ୍ରା ବହାରିଛି। ଏଥିରେ ବ୍ଲକ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ, ନୋଡାଲ ସରକାରୀ ବାପୁଜୀ ହାଇସ୍କୁଲ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକ, ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର,ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ମହିଳା, ଆଶା କର୍ମୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ଦିବ୍ୟ ହୃଦୟ ବାଳିକା ବିଦ୍ୟାଳୟରୁ ବାହାରି ତେନ୍ତୁଳିଖୁଣ୍ଟି,କୁର୍ମାକୋଟ ଗାଁ ପରିକ୍ରମା କରିଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୫/୨୦୨୪ Bhubaneswar, Thursday, August 15/ 2024

## ସଂକ୍ଷେପରେ

### ବଳାତ୍କାର ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୪।୮(ସୁବାସ ଚନ୍ଦ୍ର ପାଢ଼ୀ)

ଭଞ୍ଜନଗର ଥାନା ଅନ୍ତର୍ଗତ ବେଲଗୁଣ୍ଠା ଫାଣ୍ଡି ଅଞ୍ଚଳରୁ ଜଣେ ନାବାଳିକା ଛାତ୍ରୀଙ୍କୁ ୨୦୧୭ରେ ଅପହରଣ ପରେ ବଳାତ୍କାର ନେଇ ମାମଲା ହୋଇଥିଲା। ସ୍ୱତନ୍ତ୍ର ପୋକସୋ ଜଜ ପ୍ରଣତୀ ପଟ୍ଟନାୟକ ବୁଧବାର ଉକ୍ତ ମାମଲାରେ ପ୍ରମାଣ ଅଭାବରୁ ଅଭିଯୁକ୍ତ ସଦର ଥାନା ଆଙ୍କୁଶପୁର ଗ୍ରାମର ପ୍ରଶାନ୍ତ କୁମାର ମହାରଣା(୩୦)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ବେଲଗୁଣ୍ଠା ଅଞ୍ଚଳର ଯୁକ୍ତ ୨ଛାତ୍ରୀଙ୍କ ସହ ହ୍ୱାଟସ ଆପ ଜରିଆରେ ପ୍ରଶାନ୍ତଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରଶାନ୍ତ ବିଟେକ ଛାତ୍ର ଥିଲେ। ୨୦୧୭ ଜୁଲାଇ ୧୩ ତାରିଖରେ ସେ ବେଲଗୁଣ୍ଠା ଯାଇ ଛାତ୍ରୀଙ୍କୁ ଅପହରଣ କରି ଅହମଦାବାଦ ନେଇଯାଇଥିଲେ। ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। କିଛିମାସ ପରେ ସେ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ପରେ ସେ ତାଙ୍କ ବାପାଙ୍କୁ ଏନେଇ ଜଣାଇଥିଲେ। ୨୦୧୮ ଅକ୍ଟୋବର ୧୭ ତାରିଖରେ ପ୍ରଶାନ୍ତ ଘରେ ନଥିବା ବେଳେ ନାବାଳିକା ଜଣକ ସେଠାରୁ ତାଙ୍କ ବାପାଙ୍କ ନିର୍ଦ୍ଦେଶରେ ଟ୍ରେନରେ ବ୍ରହ୍ମପୁର ଆସିଯାଇଥିଲେ। ସେଠାରୁ ଗାଁକୁ ଯାଇ ବାପାଙ୍କ ସହାୟତାରେ ବେଲଗୁଣ୍ଠା ଫାଣ୍ଡିରେ ଏତଲା ଦେଇଥିଲେ। ପୀଡ଼ିତାଙ୍କ ବୟାନ ଅନୁସାରେ ଭଞ୍ଜନଗର ଥାନାରେ ନଂ୩୬୫/୧୮ରେ ଏକ ମାମଲା ରୁଜୁ କରି ପୋଲିସ ପ୍ରଶାନ୍ତଙ୍କୁ ଗିରଫ କରିଥିଲା। ପରେ ପ୍ରଶାନ୍ତଙ୍କୁ ଜାମିନ ମିଳିଥିଲା । ମାମଲାର ବିଚାର ବେଳେ ବେଳେ ୮ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମୁଦାଲାଙ୍କ ପକ୍ଷରୁ ବିରେନକୁମାରପଟ୍ଟନାୟକ, ରାମମୋହନ ପଟ୍ଟନାୟକ ଓ ସୂର୍ଯ୍ୟନାରାୟଣ ପ୍ରଧାନ ମକଦ୍ଦମା ପରିଚାଳନା କରିଥିଲେ।

### ସ୍ୱାଧୀନତା ଦିବସ ପାଇଁ ବିଏମ୍‌ସି ପକ୍ଷରୁ ଦୌଡ ଓ ସାଇକେଲ ଯାତ୍ରା

ବ୍ରହ୍ମପୁର,୧୪।୮(ସ୍ମୃତି ରଞ୍ଜନ ମହାଲିକ)

ସ୍ୱାଧୀନତା ଦିବସ ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଦୌଡ ଓ ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି)ର ସଦସ୍ୟା, ବିଏମସି କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଏମସି ମେୟର ସଂଘମିତ୍ରା ଦଳେଇ ଓ କମିଶନର ଭବାନୀ ପ୍ରସାଦ ମିଶ୍ର ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପରେ ବିଏମସି କାର୍ଯ୍ୟାଳୟ ପରିସରରେ ତ୍ରିରଙ୍ଗା ମେଳା ହୋଇଥିଲା। ମେଳାରେ ୫ଟି ଷ୍ଟଲ ହୋଇଥିଲା। ଯେଉଁଥିରେ ଏସଏଚଜି ସଦସ୍ୟାମାନେ ବିଭିନ୍ନ ଖାଦ୍ୟ ସାମଗ୍ରୀ ସମେତ ଆଚାର, ପାମ୍ପଡ, ପୋଷାକ ଓ ହସ୍ତତନ୍ତ ସାମଗ୍ରୀ ବିକ୍ରି ହୋଇଥିଲା। ବିଏମସି ନୋଡାଲ ସିଇଓ ଗୀତାଞ୍ଜଳି ସାମନ୍ତରାୟ ଓ ସ୍ମିତା ଦାଶ ସହଯୋଗ କରିଥିଲେ।

# କନ୍‌ଷ୍ଟେବଲଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

## ସେପ୍ଟେମ୍ବର ୨୬ ସୁଦ୍ଧା ଗିରଫ କରିବାକୁ ନିର୍ଦ୍ଦେଶ

ବ୍ରହ୍ମପୁର,୧୪।୮(ସୁବାସ ଚନ୍ଦ୍ର ପାଢ଼ୀ)

ଟଙ୍କା ହଡପ ତଥା ଚେକ ବାଉନ୍ସ ମାମଲାରେ ଅଭିଯୁକ୍ତ ଥିବା ବ୍ରହ୍ମପୁର ପୋଲିସ ଜିଲାର ଜଣେ କନଷ୍ଟେବଲଙ୍କ ନାମରେ ଏନବିଡବ୍ଲ୍ୟୁ(ଜାମିନ ବିହୀନ ଗିରଫ ପରୱାନା) ଜାରି ହୋଇଛି। ଅଭିଯୁକ୍ତ ପୋଲିସ କନଷ୍ଟେବଲ ଜଣକ ହେଲେ ହଳଦିଆପଦର ମଦନମୋହନପୁର ମାଟିଆସାହିର ତଥା ବ୍ରହ୍ମପୁର ରିଜର୍ଭ ପୋଲିସ କାର୍ଯ୍ୟାଳୟର ଏପିଆର କନଷ୍ଟେବଲ ଜି. ପୀତାମ୍ବର ରାଓ। ତାଙ୍କୁ ସେପ୍ଟେମ୍ବର ୨୬ ସୁଦ୍ଧା ଗିରଫ କରି କୋର୍ଟରେ ହଜାର କରିବାକୁ ଗୋଳନ୍ଥରା ଥାନା ଅଧିକାରୀଙ୍କୁ ବ୍ରହ୍ମପୁର ଜେଏମଏଫସି(ଟ୍ରାନ୍ସପୋର୍ଟ) ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୯ରେ ଅଭିଯୁକ୍ତ ପୀତାମ୍ବର ନିଜ ଭଉଣୀଙ୍କ ବାହାଘର ପାଇଁ ନିଜ ପୋଲିସ ବନ୍ଧୁ କେ. ରାମେୟା ପାତ୍ରଙ୍କୁ ୫ ଲକ୍ଷ ଟଙ୍କା ଧାର ମାଗିଥିଲେ। ରାମେୟା ଋଣ କରି ୫ ଲକ୍ଷ ଟଙ୍କା ଦେଇଥିଲେ । ପୀତାମ୍ବରଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ରାମେୟା ଟଙ୍କା ଦେଇଥିଲେ । ହେଲେ ଏକାଧିକ ବର୍ଷ ବିତି ଯାଇଥିଲେ ମଧ୍ୟ ପୀତାମ୍ବର ତାଙ୍କୁ ଟଙ୍କା ଫେରସ୍ତ କରି ନ ଥିଲେ। ରାମେୟା ବାରମ୍ବାର ଟଙ୍କା ମାଗିବା ପରେ ପୀତାମ୍ବର ତାଙ୍କୁ ୫ ଲକ୍ଷ ଟଙ୍କାର ଚେକ ଦେଇଥିଲେ। ହେଲେ ସେହି ଚେକ ବ୍ୟାଙ୍କରେ ଜମା କରିବା ପରେ ବାଉନ୍ସ ହୋଇଯାଇଥିଲା। ଏ ନେଇ ରାମେୟା କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ବିଚାର ବ୍ରହ୍ମପୁର ଜେଏମଏଫସି(ଟ୍ରାନ୍ସପୋର୍ଟ) କୋର୍ଟରେ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଗତ ଅକ୍ଟୋବର ୧୩ ତାରିଖରେ ମାଜିଷ୍ଟ୍ରେଟ ନିଜ ଚୁଡାନ୍ତ ରାୟ ପ୍ରକାଶ କରିଥିଲେ। ଅଭିଯୁକ୍ତ ପୀତାମ୍ବରଙ୍କୁ ମୋଟ ୬ ଲକ୍ଷ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେବା ସହ ସେହି ଟଙ୍କା ରାମେୟାଙ୍କୁ କ୍ଷତିପୂରଣ ଆକାରରେ ପ୍ରଦାନ କରାଯିବ ବୋଲି କହିଥିଲେ। ଟଙ୍କା ଜମା ନ କଲେ ଅଭିଯୁକ୍ତଙ୍କୁ ୩ ମାସ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ନିଜ ରାୟରେ ଉଲ୍ଲେଖ କରିଥିଲେ। ହେଲେ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ପୀତାମ୍ବର ନିର୍ଦ୍ଧାରିତ ସମୟରେ ଜରିମାନା ଅର୍ଥ ଜମା କରି ନ ଥିଲେ। ଯାହାକୁ ନେଇ ଗତ ବର୍ଷ ଡିସେମ୍ବର ମାସରେ ପୋଲିସ କନଷ୍ଟେବଲ ପୀତାମ୍ବରଙ୍କ ନାମରେ ଏନବିଡବ୍ଲ୍ୟୁ ଜାରି କରିଥିଲେ। ହେଲେ କୋର୍ଟଙ୍କ ସେହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ପୀତାମ୍ବର ଜିଲା ଜଜ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲା ଜଜ୍ ମଧ୍ୟ ରାମେୟାଙ୍କ ସପକ୍ଷରେ ରାୟ ଶୁଣାଇଥିଲେ। ସେହିକ୍ରମରେ ଗତ ୫ ତାରିଖରେ ଜେଏମଏଫସି(ଟ୍ରାନ୍ସପୋର୍ଟ) ପୁଣିଥରେ ପୀତାମ୍ବରଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିଛନ୍ତି। ଫଳରେ ଅଭିଯୁକ୍ତ ପୀତାମ୍ବରଙ୍କ ଅଡୁଆ ଏବେ ବଢ଼ିଯାଇଛି।

# ଶ୍ରମିକ ପଞ୍ଜୀକରଣ, ଡ୍ରପ୍ ଆଉଟ୍ ରୋକିବା ନେଇ ଗୁରୁତ୍ୱ

## ଆଇନ ସଚେତନତା ଶିବିର

ଜୟପୁର,୧୪।୮(ପବନ ପାଣିଗ୍ରାହୀ)

ଜିଲା ଆଇନ ସେବା ପ୍ରାଧିକରଣ ଜୟପୁର ପକ୍ଷରୁ ଟାଙ୍କୁଆ ପଞ୍ଚାୟତରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ଏବଂ ଡ୍ରପ୍ ଆଉଟ୍ ଛାତ୍ରୀଛାତ୍ରମାନଙ୍କ ନାମଲେଖା ବିଷୟରେ ସଚେତନତା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ପ୍ରାଧିକରଣ ସଚିବ ତଥା ବିଚାରପତି ସୁମନ ଜେନା, ଅନ୍ୟତମ ଅତିଥି ରୂପେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିଶା କେ.ଏସ, ସହକାରୀ ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝି, ବ୍ଲକ୍ ସହକାରୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଶତପଥୀ, ରମଣ ରଞ୍ଜନ ତ୍ରିପାଠୀ, ରମଣୀ ଗାଦବା ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶ୍ରମ ଅଧିକାରୀ ମାଝି ପ୍ରତ୍ୟେକ ଛୋଟବଡ଼ ଶ୍ରମିକମାନେ ନାମ ପଞ୍ଜୀକରଣ କରିବା ବାଧ୍ୟତାମୂଳକ। ଜୟପୁରସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସେମାନେ ଅନ୍ ଲାଇନ କିମ୍ବା ଅଫ୍ ଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିପାରିବେ। ଏହାଦ୍ୱାରା ଶ୍ରମିକମାନେ ସେମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନାରେ ସାମିଲ ହୋଇପାରିବେ। ଏଥିପାଇଁ ରହିଥିବା ନିୟମ ସମ୍ପର୍କରେ ସେ କହିଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇ ଉଦ୍ଦିଷ୍ଟ ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ଶତପଥୀ ଡ୍ରପଆଉଟ୍ ରୋକିବା ଉପରେ ଗୁରୁତ୍ୱାରୋପ କରି ମା'ବାପାମାନେ ସଚେତନ ହୋଇ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡିବାକୁ ପରାମର୍ଶ ଦେଇଥିଲେ।

# ବରିଷ୍ଠ ନାଗରିକଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା



ବିଧାୟକ ଓ ପୌରାଧକ୍ଷଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ବରିଷ୍ଠ ନାଗରିକ।

ନବରଙ୍ଗପୁର,୧୪।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରିଛନ୍ତି। ବିଧାୟକ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ କମିଟି ସମ୍ପାଦକ ବି. ରାମମୂର୍ତ୍ତି ପଟ୍ଟନାୟକ ସମସ୍ୟା ଉପସ୍ଥାପନ କରିବା ସହ ଦାବି ରଖିଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ବସାଉଠା କରିବାକୁ କାର୍ଯ୍ୟାଳୟ, ସୁରକ୍ଷିତ ପ୍ରାତଃ ଭ୍ରମଣ ପାଇଁ ପାର୍କ, ସହରର ବିଭିନ୍ନ ସ୍ଥାନରେ ଶୌଚାଳୟ, ଟ୍ରାଫିକ ସମସ୍ୟା ସୁଧାରିବା ସହ ଉଚ୍ଚ ଶବ୍ଦ ସୃଷ୍ଟିକରି ଦ୍ରୁତଗତିରେ ବାଇକ୍ ଚାଳନାକୁ ବନ୍ଦକରିବା ଦାବି ହୋଇଛି। ଆର୍‌ସିଡି ପଡିଆରେ ହେଉଥିବା ଅସାମାଜିକ କାର୍ଯ୍ୟକଳାପକୁ ରୋକିବା, ବ୍ୟାଙ୍କରେ ସ୍ୱତନ୍ତ୍ର କାଉଣ୍ଟର ଖୋଲିବା, ବଜାର ପୋଷ୍ଟ ଅଫିସ୍‌କୁ ପୁନଃ କାର୍ଯ୍ୟକାରୀ କରିବା ଦାବି ହୋଇଛି। ତୁରନ୍ତ ସମସ୍ୟା ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ଡ. ରାଧାନାଥ ବେହେରା, ଜଗନ୍ନାଥ ମହାପାତ୍ର, ନରସିଂହ ତ୍ରିପାଠୀ, କୁମୁଦ ସାହୁ, ସତ୍ୟବାଦୀ ଷଡ଼ଙ୍ଗୀ, ନିରଞ୍ଜନ ତ୍ରିପାଠୀ, ଟୁଟୁ ଦାଶ, ରାଜେନ୍ଦ୍ର ତ୍ରିପାଠୀ, ତ୍ରିପତି ସ୍ୱାଇଁ, ଅବନୀ ତ୍ରିପାଠୀ, ରଘୁ ପାତ୍ର, ପ୍ରମୋଦ ତ୍ରିପାଠୀ ପ୍ରମୁଖଙ୍କ ସମେତ ପୌରାଧକ୍ଷ କୁନୁ ନାୟକ, ରାଜ୍ୟ ଯୁବ ମୋର୍ଚ୍ଚା ଉପ ସଭାପତି କାହ୍ନୁ ଦାଶ ଉପସ୍ଥିତ ଥିଲେ।

### ଅନ୍ଧବିଶ୍ୱାସରୁ ଠକାମିର ଶିକାର, ଅଭିଯୁକ୍ତ ଗିରଫ

ଜୟପୁର, ୧୪।୮ (ପବନ ପାଣିଗ୍ରାହୀ)– ଅନ୍ଧବିଶ୍ୱାସର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେବା ପରେ ସଦର ପୋଲିସ ଘଟଣାର ତଦନ୍ତ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ବଲାଙ୍ଗିର ଜିଲା କୁମୁଡା ଗ୍ରାମର ପଞ୍ଚୁ ଶବର (୨୨)। ତାଙ୍କଠାରୁ ୮ ହଜାର ଟଙ୍କା ଜବତ କରାଯାଇଛି। ପୁଟା ଗ୍ରାମର ଦୁର୍ଯ୍ୟୋଧନ ଗୌଡ ଗତ ୧୩।୮।୨୩ରେ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୁର୍ଯ୍ୟୋଧନଙ୍କ ପରିବାରର ଏକ ଶିଶୁର ଦେହ ଖରାପ ହୋଇଥିଲା। । ପଞ୍ଚୁ ଶିଶୁକୁ ଭଲ କରାଇ ଦେବି କହି ୧୫ ଶହ ଟଙ୍କା ମାଗିଥିଲେ। ସେ ଶିଶୁର ନଖ ଓ ଚୁଟି ମଧ୍ୟ ନେଇଥିଲେ ମାତ୍ର ଶିଶୁଟିର କୌଣସି ଶାରୀରିକ ଉନ୍ନତି ହୋଇ ନ ଥିଲା। ପରେ ସେ ଅନ୍ଧ ବିଶ୍ୱାସର ଶିକାର ହୋଇ ଠକାମିରେ ପଡିଥିବା ଅନୁଭବ କରି ସଦର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ପଞ୍ଚୁଙ୍କ ସମ୍ପୃକ୍ତ ପଷ୍ଟ ହେବା ପରେ ତାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଫୁଟ୍‌ବଲ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

ଉମରକୋଟ, ୧୪।୮(ସନ୍ତୋଷ ଶତପଥୀ)

ଆଗାମୀ ରାଜ୍ୟସ୍ତରୀୟ ହାଇସ୍କୁଲ ସମୂହ ଫୁଟ୍‌ବଲ ପ୍ରତିଯୋଗିତା ନବରଙ୍ଗପୁରର ଜିଲା ଉମରକୋଟ ସହରରେ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବ୍ଲକ୍ ସଭାଗୃହରେ ଡିଇଓ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଡିଇଓ ଡ. ରେଶମ ଲାଲ ନାୟକ, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଭାତ ପଟ୍ଟନାୟକ, ଉମରକୋଟ ବିଇଓ ବିକାଶ ଚନ୍ଦ୍ର ସରକାର, ନବରଙ୍ଗପୁର ବିଇଓ ରମେଶ ରାୟ, ଝରିଗାଁ ବିଇଓ ଜଗନ୍ନାଥ ଧାରୁଆ, ଚନ୍ଦାହାଣ୍ଡି ବିଇଓ ସୁଭେନ ମଣ୍ଡଳ, ରାଇଘର ବିଇଓ ଈଶ୍ୱର ମାଝୀ, କୋଷାଗୁମୁଡ଼ା ବିଇଓ ସମରେନ୍ଦ୍ର ଭୌମିକ ପ୍ରମୁଖ ମଞ୍ଚାସୀନ ଥିଲେ। ଡିଇଓଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ କମିଟି ଗଠନ କରାଯାଇଛି। ଉକ୍ତ କମିଟି ସବୁ ନିଜ ଯୋଜନା ଓ ବଜେଟ ଉପସ୍ଥାପନ କରିଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା କିଭଳି ସଫଳତାର ସହ ହୋଇପାରିବ ସେ ନେଇ ଯୋଜନା ପ୍ରସ୍ତୁତ କରିବାକୁ ସଭାପତି ନିର୍ଦ୍ଦେଶ ଦେଇଥିଲେ। ଉମରକୋଟ ଷ୍ଟାଡିୟମରେ ଉଦ୍‌ଘାଟନ ଓ ଉଦ୍‌ଯାପନ ସମାରୋହ ହେବ। ଅନ୍ୟ ୪ ସ୍ଥାନରେ ପ୍ରତିଯୋଗିତା ହେବ। ରାଜ୍ୟରୁ ୧ ହଜାରରୁ ଉର୍ଦ୍ଧ୍ୱ ଖେଳାଳି ଏହି ପ୍ରତିଯୋଗିତାରେ ଭାଗନେବା ସମ୍ଭାବନା ରହିଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ରାଉତ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ମନୋରଞ୍ଜନ ପ୍ରହରାଜ, ବିଭାଶିଷ ଦେ, ବ୍ରଜବନ୍ଧୁ କାଣ୍ଡି, ପ୍ରଧାନ ଶିକ୍ଷକ ଅସୀମ ବିଶ୍ୱାସ, କିଶୋର ଶିଲ, ପ୍ରଦୀପ ବିଶ୍ୱାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଖୁବ୍ ଶୀଘ୍ର ପ୍ରତିଯୋଗିତାର ତାରିଖ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।

# ୨୦୦ ଫୁଟର ତ୍ରିରଙ୍ଗା ଶୋଭାଯାତ୍ରା

ବ୍ରହ୍ମପୁର,୧୪।୮(ସ୍ମୃତି ରଞ୍ଜନ ମହାଲିକ)



ରୋଟାରୀ କ୍ଲବ ବ୍ରହ୍ମପୁର ପକ୍ଷରୁ ବୁଧବାର ୨୦୦ ଫୁଟର ତ୍ରିରଙ୍ଗା ପତାକାକୁ ନେଇ ଶୋଭାଯାତ୍ରା ହୋଇଥିଲା। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରୁ ଶୋଭାଯାତ୍ରା ପୁରୁଣା ବସଷ୍ଟାଣ୍ଡ ଓ ଗାନ୍ଧୀନଗର ମୁଖ୍ୟ ରାସ୍ତା ଦେଇ ପୁଣି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ନିକଟରେ ପହଁଚିଥିଲା। ଏହି ଶୋଭାଯାତ୍ରାକୁ ୟଗନାସିସ ମହାପାତ୍ର, ଡ ନାରାୟଣ ମିଶ୍ର, ଆର ଏଲ ତରୁଣ ଓ ସଂପାଦକ କେଭିଜି ରବି କୁମାର ଅତିଥି ରୂପେ ଯୋଗ ଦେଇ ଉଦଘାଟନ କରିଥିଲେ। ୩ ଘରୋଇ ଶିକ୍ଷାନୁଷ୍ଠାନର ୩୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ଲବ ସହବନ୍ଧିତ ରୋଟାରୀ କ୍ଲବ ବ୍ରହ୍ମପୁର ଇଷ୍ଟ, ରୋଟାରୀ କ୍ଲବ ସେଣ୍ଟ୍ରାଲ ଓ ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇନୋଭେଟିଭର ପ୍ରାୟ ୨୦୦ ସଦସ୍ୟ ଯୋଗ ଦେଇଥିଲେ। କ୍ଲବର ଜୋନାଲ ଚେୟାର ମିହିର ରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଭି. ସନ୍ତୋଷ କୁମାର, ସତ୍ୟକାମ ପାତ୍ର, ପ୍ରଦ୍ୟୁମ୍ନ ବିଶୋୟୀ, ଭି ଅଜୟ, ମଧୁସ୍ମିତା ସାହୁ ଓ ସତ୍ୟ ନାରାୟଣ ପ୍ରମୁଖ ସହଯୋଗ କରିଥିଲେ।

# କାମରେ ଲାଗୁନି ପୌରାଞ୍ଚଳରେ ଥିବା ପରିସ୍ରାଗାର

କୋରାପୁଟ,୧୪।୮
(ଅମିତାଭ ବେହେରା)

ସହରକୁ ସ୍ୱଚ୍ଛ ରଖିବା ଉଦ୍ଦେଶ୍ୟରେ କୋରାପୁଟ ପୌର ପରିଷଦ ଅଞ୍ଚଳରେ କରାଯାଇଥିବା ପରିସ୍ରାଗାରଗୁଡ଼ିକ ଏବେ ଜନସାଧାରଣଙ୍କ କାମରେ ଆସୁ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ଅଧିକାଂଶ ନିର୍ମିତ ପରିସ୍ରାଗାର ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ସହରର ୬ ନମ୍ବର ୱାର୍ଡରେ ମୁକ୍ତା ଯୋଜନାରେ ପରିସ୍ରାଗାର ନିର୍ମାଣ କରାଯାଇଥିଲା। ଏବେ ଏଠାରେ ତାଲା ଝୁଲୁଛି । ଏହା ଯେଉଁ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିଲା ତାହା ସଫଳ ହୋଇପାରିନାହିଁ। ୱାର୍ଡବାସୀ ପୂର୍ବ ଭଳି ବାହାରକୁ ଶୌଚ ହେବା ପାଇଁ ଯାଉଛନ୍ତି। ଫଳରେ ମୁକ୍ତା ଯୋଜନାରେ ଖର୍ଚ୍ଚ ହୋଇଥିବା ଅର୍ଥ ପାଣିରେ ପଡ଼ିବା ନେଇ ଚର୍ଚ୍ଚା ହେଉଛି। ସେହିପରି ସହରର ବସଷ୍ଟାଣ୍ଡ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟରେ ଥିବା ପରିସ୍ରାଗାର ଲୋକଙ୍କ ବ୍ୟବହାରରେ ଆସୁନାହିଁ। ପ୍ରାୟ ସବୁ ସମୟରେ ଏହା ବାହାରୁ ଚାବି ପଡ଼ିଥିବା ଦେଖିବାକୁ ମିଳୁଛି। ଏ ନେଇ କୋରାପୁଟ ପୌର ନିର୍ବାହୀ ଅଧିକାରୀ ଦୂତୀକୃଷ୍ଣ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଏହି ପରିସ୍ରାଗାରଗୁଡ଼ିକରେ ଲୋକେ ମଳତ୍ୟାଗ କରୁଥିବା ଯୋଗୁ ଏହା ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ସଫା କରିବାରେ କୁଣ୍ଠାବୋଧ କରୁଛନ୍ତି। ସେଥିପାଇଁ ଏଗୁଡ଼ିକୁ ତାଲା ପକାଯାଇଛି। ସହରର ୱାର୍ଡ ନଂ. ୬ର ପରିସ୍ରାଗାର ମରାମତି କାର୍ଯ୍ୟ ନିମନ୍ତେ ବନ୍ଦ କରାଯାଇଛି ବୋଲି ପାତ୍ର କହିଥିଲେ।

# ଦ୍ୱିତୀୟ ସେମିରେ ଓଏସ୍‌ଏପି ଟିମ୍ ବିଜୟୀ

## ଶହୀଦ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

କୋରାପୁଟ,୧୪।୮
(ଅମିତାଭ ବେହେରା)



କୋରାପୁଟସ୍ଥିତ ଓଏସ୍‌ଏପି ପଡିଆଠାରେ ଚାଲିଥିବା ଶହୀଦ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟର ଓଏସ୍‌ଏପି ଟିମ୍ ୬–୧ ଗୋଲ ବ୍ୟବଧାନରେ ବିୱାଇସି ଚିନ୍ଦ୍ରି ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କୋରାପୁଟ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ ଯୋଗଦେଇ ମ୍ୟାଚର ଶୁଭାରମ୍ଭ କରି ଏପରି ଟୁର୍ନାମେଣ୍ଟ ଗ୍ରାମାଞ୍ଚଳରେ ଫୁଟବଲ ଖେଳକୁ ଅଧିକ ପ୍ରୋତ୍ସାହନ ଦେବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କୋରାପୁଟ ଓଏସଏପି ତୃତୀୟ ବାଟାଲିୟନର କମାଣ୍ଡାଣ୍ଟ ମନୋଜ ନାୟକ ଏବଂ ସ୍ଥାନୀୟ କାଉନସିଲ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସେମି ଫାଇନାଲ ମ୍ୟାଚରେ ଓଏସଏପି ଟିମ୍ ଓ ଚିନ୍ଦ୍ରି ଟିମ୍ ପରସ୍ପରକୁ ଭେଟିଥିଲେ। ଓଏସଏପି ୬–୧ ଗୋଲ ବ୍ୟବଧାନରେ ଚିନ୍ଦ୍ରି ଟିମ୍‌କୁ ପରାସ୍ତ କରିଥିଲା ଏହି ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ଭାବେ ବିଜୟୀ ଦଳର ସଞ୍ଜିତ ଖରାଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ମୁଖ୍ୟ ରେଫରି ଭାବେ ସହଦେବ ମୋଚିମ, ଅନ୍ୟ ରେଫରି ଭାବେ ପିଏସକେ ବର୍ମା, ଡିକେ ବିଦ୍ୟାଧର ଏବଂ ଅଫିସିଆଲ ରେଫରି ଭାବେ ଏସକେ ଗଡ଼ନାୟକ ଦାୟିତ୍ୱ ତୁଲାଇଥିଲେ। ଓଏସ୍‌ଏପି ବାଟାଲିୟନର ହାବିଲଦାର ଓ ସିପାହୀ ସଂଘ ସଭାପତି ମହେନ୍ଦ୍ର ଗୌଡ଼, ସମ୍ପାଦକ ପ୍ରେମଲାଲ ସୁନାନୀ, ଉପସଭାପତି ବିକାଶ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗୁରବାର ଫାଇନାଲ ମ୍ୟାଚ ଆମ୍ବେଡକର ଟିମ୍ ଓ ଓଏସଏପି ଟିମ୍ ମଧ୍ୟରେ ହେବ।

# ଆଇ ଲଭ୍ ସୁନାବେଡ଼ା ଫଳକରେ ଲାଗିଗଲାଣି କଳଙ୍କି

- ରକ୍ଷଣାବେକ୍ଷଣ ଅଭାବ, ପୌର ପ୍ରଶାସନ ଉଦାସୀନ
- ଅଚଳ ହୋଇପଡ଼ିଛି ଚତୁଃପାର୍ଶ୍ୱ ଆଲୋକ ବ୍ୟବସ୍ଥା

ସୁନାବେଡା,୧୪।୮(କୃତ୍ତିବାସ ପ୍ରଧାନ)




ଆଇ ଲଭ୍ ସୁନାବେଡ଼ା ଲିଖିତ ଫଳକ ଚାରିପଟେ ମାଡ଼ିଯାଇଥିବା ଗଛଲତା।

ସୁନାବେଡ଼ା ପୌର ପରିଷଦ ପକ୍ଷରୁ ସହରକୁ ସୌନ୍ଦର୍ଯ୍ୟକରଣ କରିବା ଲାଗି ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରତିମୂର୍ତ୍ତି ସ୍ଥାପନ ସହ ବହୁ ଲେଖା ଓ ସେଲ୍‌ଫି ପଏଣ୍ଟ ନିର୍ମାଣ କରାଯାଇଥିଲା। ପୌର ପରିଷଦ କାର୍ଯ୍ୟାଳୟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ୨୦୧୯–୨୦ ଆର୍ଥିକ ବର୍ଷରେ ପ୍ରାୟ ୩ ଲକ୍ଷ ୮୦ ହଜାର ୬୧୨ ଟଙ୍କା ବ୍ୟୟରେ ପୌର ପ୍ରଶାସନ ଆଇ ଲଭ୍ ସୁନାବେଡ଼ା ଲିଖିତ ଫଳକ ନିର୍ମିତ ହୋଇଥିଲା। ଏହାକୁ ୧୩।୮।୨୦୨୧ରେ ତତ୍କାଳୀନ ବିଧାୟକ ରଘୁରାମ ପଡ଼ାଲ ଉଦ୍‌ଘାଟନ କରିଥିଲେ। ଏହା ସହ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନଙ୍କ ସେଲ୍‌ଫି ପଏଣ୍ଟ ପାଲଟିଥିଲା। ଏବେ ରକ୍ଷଣାବେକ୍ଷଣ ଅଭାବରୁ ଏହାର ଚାରିପାଖ ଅନାବନା ଘାସଲତାରେ ଭରିଯାଇଛି। ଲଗାଯାଇଥିବା ଲାଇଟ୍‌ଗୁଡିକ ଅଚଳ ହୋଇପଡ଼ିଛି। ଆଇ ଲଭ୍ ସୁନାବେଡ଼ା ଫଳକରେ କଳଙ୍କି ଲାଗିବା ସହ ଲାଇଟ୍‌ଗୁଡିକ ଜଳୁ ନ ଥିବାରୁ ଏହି ସ୍ଥାନ ଅନ୍ଧାରରେ ରହିଛି। ଏଥିପ୍ରତି ପୌର ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସୁନାବେଡ଼ା ପୌରାଧକ୍ଷ ଡ.ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଆଗକୁ ପୌର ପରିଷଦ ସମ୍ମୁଖ ସୌନ୍ଦର୍ଯ୍ୟକରଣ ନିମନ୍ତେ ଯୋଜନା କରି ବଜେଟ କରାଯାଇଛି। ତାହାରି ଭିତରେ ସେସବୁର ମରାମତି କରିବାକୁ ପଦକ୍ଷେପ ନିଆଯିବ।